ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.103 Bhubaneswar Thursday June 02 2022 | ୨୫ତମ ବର୍ଷ ସଂଖ୍ୟା-୧୦୩ ଭୁବନେଶ୍ୱର, ଗୁରୁବାର, ଜୁନ ୦୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ନିର୍ଣ୍ଣାୟକ ଲଢ଼େଇ ଲଢ଼ିବ କଂଗ୍ରେସ: ୯ରୁ ପ୍ରତି ଜିଲ୍ଲାରେ ୭୫କିମି ପଦଯାତ୍ରା



ଭୁବନେଶ୍ୱର,୧।୬(ପି.ଏନ): "ରାଜ୍ୟରେ କଂଗ୍ରେସର ସଂଗଠନକୁ ସୁଦୃଢ଼ କରିବା ପାଇଁ ଆସନ୍ତା ୯ ତାରିଖରୁ ପ୍ରତି ଜିଲ୍ଲାରେ ପଦଯାତ୍ରା କରିବାକୁ ଦଳ ନିଷ୍ପତ୍ତି ନେଇଛି । ପ୍ରତି ଜିଲ୍ଲାରେ ୭୫କିମି ପଦଯାତ୍ରା ପିସିସି ସଭାପତି କରିବେ । ଜିଲ୍ଲା, ବ୍ଲକ ଓ ମଣ୍ଡଳର ସ୍ତରରେ ବାର୍ଷିକ ଅଧିବେଶନ ହେବ । କେନ୍ଦ୍ରର ୮ବର୍ଷର ସରକାର ଓ ରାଜ୍ୟର ୨୨ବର୍ଷର ସରକାର ବିରୁଦ୍ଧରେ କଂଗ୍ରେସ ଲଢ଼େଇ କରି ପ୍ରତ୍ୟେକ ପରିବାର ପାଖରେ ପହଂଚିବ ।" ଆଜି ଭୁବନେଶ୍ୱରରେ ଦୁଇଦିନିଆ ନବସଂକଳ୍ପ ଶିବିର ଆରମ୍ଭ ପରେ ଗଣମାଧ୍ୟମକୁ ଏଭଳି ଢଙ୍ଗରେ ନବନିଯୁକ୍ତ ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି । ତେବେ ୩ ବିଧାୟକ ମହମ୍ମଦ ମୋକିମ୍, ତାରାପ୍ରସାଦ ବାହିନୀପତି ଓ ରମେଶ ଜେନାଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଛି । କଂଗ୍ରେସର ଉଦୟପୁର ନବସଂକଳ୍ପ ଚିନ୍ତନ ଶିବିରରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଆଜିଠୁ ଭୁବନେଶ୍ୱରରେ ୨ଦିନିଆ ଚିନ୍ତନ ଶିବିର ଆରମ୍ଭ ହୋଇଛି । ପିସିସି ନବନିଯୁକ୍ତ ସଭାପତି ଶରତ ପଟ୍ଟନାୟକ ଏହି ଶିବିରରେ ଅଧ୍ୟକ୍ଷତା କରି କହିଥିଲେ ଯେ, ବିଗତ ୮ ବର୍ଷ ଧରି ଏ ସରକାର ଦେଶକୁ ଲୁଟ କରିବାଛଡା ଆଉ କିଛି କରିନାହିଁ । ଦେଶବାସୀଙ୍କୁ ଆଚ୍ଛେଦିନର ସ୍ୱପ୍ନ ଦେଖାଇ ଲୋକମାନଙ୍କ ଉପରେ ମହଙ୍ଗାଇର ବୋଝ ଲଦି ଦିଆଯାଇଛି । ୨୨ବର୍ଷ ଧରି ଓଡିଶାରେ ବିଜେଡି ସରକାର ରହିଛି । ଆଗାମୀ ଦିନରେ ବିଜେଡି ସହ କଂଗ୍ରେସର ଲଢ଼େଇ ହେବ । କଂଗ୍ରେସ ସରକାରକୁ ଆସିପାରିବନି ବୋଲି ଭାବୁଥିବା ଲୋକ ନିଜର ଚିନ୍ତାଧାରା ଏବେଠୁ ବଦଳାନ୍ତୁ । ଏହି ଶିବିରରେ ଓଡିଶା ପ୍ରଭାରୀ ଏ ଚେଲା କୁମାର ନିଜ ଅଭିଭାଷଣରେ କହିଥିଲେ ଯେ ସାରା ରାଜ୍ୟରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରାଯିବ । କେନ୍ଦ୍ରର ମୋଦି ସରକାର ବିରୁଦ୍ଧରେ ଓଡିଶା ପ୍ରଦେଶ କଂଗ୍ରେସ ଏକ ଜନବିପ୍ଳବ ସୃଷ୍ଟି କରିବ ଓ ଦୀର୍ଘ ୨୨ ବର୍ଷଧରି ରାଜ୍ୟର ଜଳ, ଜଙ୍ଗଲ, ଜମି ଓ ଖଣି ଲୁଟ କରିଥିବା ସରକାର ବିରୁଦ୍ଧରେ ନିର୍ଣ୍ଣାୟକ ଲଢ଼େଇ ହେବ ।କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ଓଡିଶାର ସମସ୍ତ ଖଣିକୁ ରାଜ୍ୟ ସରକାର ନିଜସ୍ୱ ହାତକୁ ଯଦି ନିଅନ୍ତି ତେବେ ରାଜ୍ୟ ୧ଲକ୍ଷ ଟଙ୍କା ରାଜସ୍ୱ ପାଇବ ମାତ୍ର ଓଡିଶା ସରକାର କ'ଣ ପାଇଁ ଏବଂ କାହା ସ୍ୱାର୍ଥରେ ଏହା କରୁ ନାହାନ୍ତି ତାହା ଜଣାନାହିଁ । ଭବିଷ୍ୟତରେ ସରକାର ଏହାପାଇଁ ବହୁମୂଲ୍ୟ ନିଷ୍ପତ୍ତି ଦେବେ । ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ଭିତରେ ଏକତା ଏକାନ୍ତ ଆବଶ୍ୟକତା ରହିଛି ବୋଲି ମତ ଦେଇଛନ୍ତି । କଂଗ୍ରେସର ଶୃଙ୍ଖଳା ସବୁସ୍ତରରେ ଏକାନ୍ତ ଜରୁରୀ । ଆମ ଭିତରେ ଥିବା କନ୍ଦଳ ଯୋଗୁଁ ଆଜି କଂଗ୍ରେସ ଦୁର୍ବଳ ହୋଇଛି । ଓଡିଶାର ଜନସାଧାରଣ ଉଭୟ ମୋଦି ଓ ନବୀନ ସରକାର ଉପରେ ଅତିଷ୍ଠ ହୋଇ ସାରିଛନ୍ତି । ୨୨ ବର୍ଷ ଭିତରେ ପାହାଡ ଭଳି ପ୍ରତିଶ୍ରୁତି ଲୋକଙ୍କୁ ଦିଆଯାଇଛି, କିନ୍ତୁ ଗୋଟିଏ ହେଲେ ପ୍ରତିଶ୍ରୁତି ପାଳନ ହୋଇନାହିଁ ।ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବରିଷ୍ଠ ନେତା ପଂଚାନନ କାନୁନଗୋ ଏଆଇସିସି ସଂପାଦକ ରୁଦ୍ର ରାଜୁ, ଶରତ ରାଉତ, ସାଂସଦ ସପ୍ତଗିରି ଉଲ୍ଲାକା, ସସ୍ମିତା ବେହେରା, ବିଧାୟକ ସୁରେଶ କୁମାର ରାଉତରାୟ, ରାଜନ ଏକ୍କା, ଅଧିରାଜ ମୋହନ ପାଣିଗ୍ରାହି, ସନ୍ତୋଷ ସିଂ ସାଲୁଜା, ଦାଶରଥି ଗମାଙ୍ଗ, ବନ୍ଦିତା ପରିଡା, ଯାସିର ନଓ୍ୱାଜ, ସ୍ମୃତି ଲେଙ୍କା ପ୍ରମୁଖ ଅଭିଭାଷଣରେ କହିଥିଲେ ଯେ, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅପାରଗତା ଓ ଜନବିରୋଧି ନୀତି ବିରୁଦ୍ଧରେ କଂଗ୍ରେସ ରାଜ୍ୟର ପ୍ରତ୍ୟେକ ପରିବାର ପାଖରେ ପହଂଚିବ ବୋଲି କହିଥିଲେ । କଂଗ୍ରେସ 'ବସୁଧୈବ କୁଟୁମ୍ବକମ' ନୀତିରେ ବିଶ୍ୱାସ କରେ ଓ ଆସନ୍ତା ଅଗଷ୍ଟ ୯ ଠାରୁ କଂଗ୍ରେସ ଭାରତ ଯୋଡ ଅଭିଯାନ ଆରମ୍ଭ କରିବ କରିବ ।ଏହି ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତି ଅନୁଯାୟୀ ବିଭିନ୍ନ କମିଟି ଯଥା- ରାଜନୀତିକ ବ୍ୟାପାର କମିଟି, ସଂଗଠନ କମିଟି, ଆର୍ଥିକ କମିଟି, ସାମାଜିକ ନ୍ୟାୟ କମିଟି, ଯୁବ-ଛାତ୍ର-ମହିଳା ସଶକ୍ତିକରଣ କମିଟି, ଖେତ ମଜଦୁର କିଷାନ କମିଟି ଇତ୍ୟାଦି ଗଠନ କରାଯାଇଛି । ଏସବୁ କମିଟି ଆଗାମୀ ଦିନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସହ ସଂଗଠନକୁ ସୁଦୃଢ଼ କରିବା ଦିଗରେ ବିଚାର ବିମର୍ଶର୍ କରିବେ । ଏହି ଦୁଇଦିନିଆ ଚିନ୍ତନ ଶିବିରରେ ଦଳର ପୂର୍ବତନ ପିସିସି ସଭାପତି, ସାଂସଦ ଓ ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକ, ଆଇସିସି ସଂପାଦକ, ପିସିସି କର୍ମକର୍ତା, ଜିଲ୍ଲା କଂଗ୍ରେସ କମିଟି ସଭାପତି, ରାଜ୍ୟ ସାମ୍ମୁଖ୍ୟ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ, ସାଂସଦ ଓ ବିଧାୟକ ପ୍ରାର୍ଥୀମାନେ ସାମିଲ ହୋଇଥିଲେ ।

## ୫ଟି ଜିଲ୍ଲାର ୫୩୨ଟି ରୂପାନ୍ତରିତ ସ୍କୁଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧।୬(ପି.ଏନ): ଆଜିଠାରୁ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୦୭୦ଟି ହାଇସ୍କୁଲର ରୂପାନ୍ତର ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୯୦୮ଟି ହାଇସ୍କୁଲର ରୂପାନ୍ତର ହୋଇଛି । ଆଜି ରାଜ୍ୟର ୫ଟି ଜିଲ୍ଲା - ଖୋର୍ଦ୍ଧା, ବୌଦ, ମାଲକାନଗିରି, ସୋନପୁର ଓ ମୟୂରଭଂଜର ରେକର୍ଡ ୫୩୨ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି । ମୟୁରଭଞ୍ଜ ରେ ସର୍ବାଧିକ ୩୩୯ଟି ସୋନପୁରରେ ୪୧ ଟି ବୌଦ୍ଧ ରେ ୨୪ଟି ମାଲକାନଗିରି ରେ ୪୭ଟି ଓ ଖୁରୁଧା ରେ ୮୧ଟି ହାଇସ୍କୁଲ ଲୋକାର୍ପିତ ହୋଇଛି । ଏହା ଜୁନ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ପିଲାମାନଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରତ୍ୟେକ ପିଲା ସ୍ୱତନ୍ତ୍ର ଏବଂ ତା ଭିତରେ ଭରି ରହିଛି ବିପୁଳ ସମ୍ଭାବନା । ପିଲାଙ୍କ ଆଖିରେ ଥାଏ ସୁନ୍ଦର ଭବିଷ୍ୟତର ସ୍ୱପ୍ନ । ଜୀବନରେ କିଛି ବଡ କରିବାର ସ୍ୱପ୍ନ । ସ୍କୁଲ ରୂପାନ୍ତର ପିଲାମାନଙ୍କ ଏ ସ୍ୱପ୍ନରେ ଡେଣା ଯୋଡିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହା ପିଲାମାନଙ୍କ ପାଇଁ ନୂଆ ସୁଯୋଗ ଆଣିଛି । ପିଲାମାନଙ୍କ ସ୍ୱପ୍ନ ସାକାର ହେଲେ, ନୂଆ ଓଡିଶାର ଲକ୍ଷ୍ୟ ପୂରଣ ହେବ ଓ ନୂଆ ଓଡିଶା ଗଠନର ଭିତି ସ୍ଥାପିତ ହେବ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍କୁଲ ଆଜି ଯେଉଁ ନୂଆ ରୂପ ନେଇଛି, ତାହା ପିଲାମାନଙ୍କ ଭିତରେ ଆନନ୍ଦ ଓ ଉତ୍ସାହ ଭରି ଦେଇଛି । ଏହା ସେମାନଙ୍କ ମଧ୍ୟରେ ନୂଆ ଆଶା ଓ ସଂକଳ୍ପ ସୃଷ୍ଟି କରିଛି । ସ୍କୁଲ ସମୟ ଜୀବନର ଶ୍ରେଷ୍ଠ ସମୟ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ ରୂପାନ୍ତର ଆମର ପିଲାମାନଙ୍କୁ ଶ୍ରେଷ୍ଠ କରି ଗଢିତୋଳିବା ପାଇଁ ସୁଯୋଗ ସୃଷ୍ଟି କରିଛି ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ହିଁ ଜୀବନରେ ସବୁଠାରୁ ବଡ ରୂପାନ୍ତର ଆଣିଥାଏ । ଜୀବନର ଏ ଗୁରୁତ୍ୱପୂର୍ଣ୍ଣ ସମୟକୁ ଠିକ୍ ଭାବରେ ଉପଯୋଗ କର ଏବଂ ନିଜପାଇଁ, ନିଜ ପରିବାର ପାଇଁ ଓ ପ୍ରିୟ ଓଡିଶା ପାଇଁ ନୂଆ ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ।ପିଲାମାନଙ୍କୁ ୫-ଟି ମହତ୍ୱ ବିଷୟରେ ବୁଝାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଟେକ୍ନୋଲୋଜି, ଟିମଓ୍ୱାର୍କ, ଟାଇମ ବା ସମୟ ଏବଂ ଟ୍ରାନ୍ସପ୍ୟାରେନ୍ସି ବା ସ୍ୱଚ୍ଛତାର ପ୍ରୟୋଗରେ ଆସେ ରୂପାନ୍ତର ।ଟେକ୍ନୋଲୋଜି ଦ୍ୱାରା ସେମାନଙ୍କ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରୀ, କମ୍ପୁଟର, ଆଧୁନିକ ପରୀକ୍ଷାଗାର ଆଦିର ବ୍ୟବସ୍ଥା ହେବା ସହିତ ଭଲ ପିଇବା ପାଣି ଓ ଉତ୍ତମ ପରିମଳ ବ୍ୟବସ୍ଥାର ସୁବିଧା କରାଗଲା ।

## ପୂର୍ବ ଶତ୍ରୁତାକୁ ନେଇ ଘର ଉପରକୁ ବୋମାମାଡ, ୨ ଆହତ

କଟକ, ୧।୬(ପି.ଏନ): ପୂର୍ବ ଶତୃତାକୁ ନେଇ ଘର ଉପରକୁ ବୋମାମାଡ ହୋଇଛି । ଏଥିରେ ୨ ଜଣ ଆହତ ହୋଇଛନ୍ତି । କଟକ ଜିଲ୍ଲା ଟିଗିରିଆ ଥାନା ଅନ୍ତର୍ଗତ ବନମାଳୀପୁର ଗ୍ରାମର ଶରତ ରାଉତଙ୍କ ଘର ଉପରକୁ ଗତକାଲି ବିଳମ୍ବିତ ରାତିରେ ବୋମାମାଡ ହୋଇଛି । ଏଥିରେ ପରିବାରର ୨ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତି କରାଯାଇଛି । ଘଟଣାରେ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି ଟିଗିରିଆ ପୋଲିସ ।

## ବ୍ରଜରାଜନଗର ଉପନିର୍ବାଚନରେ ୭୧.୫୩% ମତଦାନ

ଭୁବନେଶ୍ୱର,୧।୬(ପି.ଏନ): ବ୍ରଜରାଜନଗର ଉପନିର୍ବାଚନରେ ୭୧.୫୩ ପ୍ରତିଶତ ମତଦାନ ହୋଇଛି । ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୧୪ ହଜାର ୮୭୮ ଥିବା ବେଳେ ୧ ଲକ୍ଷ ୫୩ ହଜାର ୭୧୬ ଜଣ ମତଦାନ କରିଛନ୍ତି । ସେମାନଙ୍କ ମଧ୍ୟରୁ ୮୦,୮୪୮ ଜଣ ପୁରୁଷ , ୭୨,୮୬୫ ଜଣ ମହିଳା ଓ ୩ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି । ତେବେ ପୋଷ୍ଟାଲ ବାଲାଟ୍ ଗୁଡିକୁ ଏଥିରେ ଗଣତି କରାଯାଇନାହିଁ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି ।ତେବେ ଗତଥର ଅପେକ୍ଷା ଏଥର ଭୋଟ୍ ହାର କମ୍ ରହିଛି । ଏହି ନିର୍ବାଚନମଣ୍ଡଳୀରେ ୨୦୧୯ ବିଧାନସଭା ନିର୍ବାଚନରେ ମୋଟ ୭୭.୯ ପ୍ରତିଶତ ଓ ୨୦୧୪ ବିଧାନସଭା ନିର୍ବାଚନରେ ପ୍ରାୟ ୭୭.୨୦ ପ୍ରତିଶତ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଥିଲେ । ସୂଚନାଯୋଗ୍ୟ ଯେ ଗତକାଲି ବ୍ରଜରାଜନଗର ଉପନିର୍ବାଚନ ପାଇଁ ୨୭୯ ଟି ବୁଥ୍ ରେ ଭୋଟ୍ ଗ୍ରହଣ ହୋଇଥିଲା । ସଂଧ୍ୟା ୫ ଟା ସୁଦ୍ଧା ୬୯% ପ୍ରତିଶତ ମତଦାନ ହୋଇଥିଲା । ମତଦାନ ଚାଲିଥିବାରୁ ଭୋଟ ହାର ବୃଦ୍ଧି ପାଇପାରେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ ସୂଚନା ଦେଇଥିଲେ । ଆସନ୍ତା ଜୁନ୍ ୩ ତାରିଖରେ ଭୋଟ୍ ଗଣତି ପରେ ଫଳାଫଳ ପ୍ରକାଶ ପାଇବ ।

## ବିହାରରେ ହେବ ଜାତିଭିତ୍ତିକ ଗଣନା, ଘୋଷଣା କଲେ ନୀତୀଶ କୁମାର



ପାଟନା,୧।୬(ପି.ଏନ): ବିହାରରେ ହେବ ଜାତିଭିତ୍ତିକ ଗଣନା । ଆଜି ସର୍ବଦଳୀୟ ବୈଠକ ପରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ରାଜ୍ୟର ସବୁ ରାଜନୀତିକ ଦଳ ଏହି ଗଣନାକୁ ସମର୍ଥନ କରିଛନ୍ତି । ପ୍ରକୃତରେ ଏହା ଜାତିଭିତ୍ତିକ ଜନ ଗଣନା । କିନ୍ତୁ ଆଇନଗତ ସମସ୍ୟାରୁ ଦୂରେଇ ରହିବା ପାଇଁ ଏହାକୁ ଜାତିଭିତ୍ତିକ ଗଣନା ବୋଲି ନାମିତ କରି ସବୁ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଏନେଇ ଆଜି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୂଚନା ଦେଇଛନ୍ତି ।ସେ କହିଛନ୍ତି, "ଆମେ ରାଜ୍ୟରେ ଜାତି ଆଧାରିତ ଗଣନା ଆରମ୍ଭ କରିବୁ । ଏହା ଜନଗଣନା ନୁହେଁ । ଆଇନଗତ ସମସ୍ୟା ଭିତିରେ ଆମେ ପଶିବାକୁ ଚାହୁଁନାହୁଁ । ବିଜେପି ସମେତ ସବୁ ଦଳର ନେତାମାନେ ଆଜି ସର୍ବଦଳୀୟ ବୈଠକରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ସମସ୍ତେ ଜାତି ଭିତ୍ତିକ ଗଣନା ସପକ୍ଷରେ ରହିଛନ୍ତି । ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯିବା ପୂର୍ବରୁ କ୍ୟାବିନେଟର ଅନୁମୋଦନ ଲୋଡା ଯିବ । ସମାଜର ସବୁ ବର୍ଗର ଲୋକଙ୍କ ବିକାଶ ଦୃଷ୍ଟିରେ ରଖି ଏପରି ବ୍ୟବସ୍ଥା କରାଯାଉଛି ।ସବୁ ଲୋକଙ୍କ ବିଷୟରେ ତଥ୍ୟ ସଂଗ୍ରହ କରାଯିବ । ଏ ଦିଗରେ ବହୁତ ଶୀଘ୍ର କାମ ଆରମ୍ଭ ହେବ । ଗଣନା କାମରେ ନିୟୋଜିତ ହେବାକୁ ଥିବା ଲୋକଙ୍କୁ ତାଲିମ ଦିଆଯିବ । କାର୍ଯ୍ୟକ୍ରମ ପାଇଁ ଟଙ୍କା ଦରକାର । ତେଣୁ କ୍ୟାବିନେଟ ଅନୁମୋଦନ ପରେ କାର୍ଯ୍ୟକ୍ରମ ପାଇଁ ଟଙ୍କା ରିଲିଜ କରାଯିବ । ଜାତି ଭିତ୍ତିକ ଗଣନା ପୂର୍ବରୁ ବିଜ୍ଞାପନ ଓ ଅନ୍ୟାନ୍ୟ ମାଧ୍ୟମ ଦ୍ୱାରା ଲୋକଙ୍କୁ ଅବଗତ କରାଯିବ । ବିଧାନସଭାକୁ ମଧ୍ୟ ଏ ସମ୍ପର୍କରେ ତଥ୍ୟ ଦିଆଯିବ ।"ତେବେ କେବେ ଠାରୁ ଏହା ଆରମ୍ଭ ହେବ, ସେକଥା ନୀତୀଶ କୁମାର କହିନାହାନ୍ତି । କିନ୍ତୁ ତାଙ୍କ ନିକଟରେ ବସିଥିବା ବିରୋଧୀ ଦଳର ନେତା ତେଜସ୍ୱୀ ଯାଦବଙ୍କ କଥାକୁ ସ୍ପଷ୍ଟ ହୋଇଛି ଯେ ବିହାରରେ ଜାତି ଭିତ୍ତିକ ଗଣନା ପାର୍ବଣ ଋତୁ ପରେ ଆରମ୍ଭ ହେବ ।ଚନାଯୋଗ୍ୟ, ଓଡିଶା, କର୍ଣ୍ଣାଟକା ଓ ତେଲେଙ୍ଗାନା ଭଳି ରାଜ୍ୟମାନେ ଜାତିଭିତ୍ତିକ ଗଣନାକୁ ସୋସିଓ-ଇକୋନୋମିକ ସର୍ଭେ ନାଁରେ କରିଛନ୍ତି । ଜାତୀୟ ସ୍ତରରେ ଜାତିଭିତ୍ତିକ ଜନ ଗଣନା ୟୁପିଏ କ୍ଷମତାରେ ଥିଲା ବେଳେ କରାଯାଇଥିଲା । କିନ୍ତୁ ବୈଷୟିକ ଗ୍ରାଉଣ୍ଡକୁ ଆଧାର କରି ଏହାର ତଥ୍ୟକୁ ସାର୍ବଜନୀନ କରାଯାଇ ନଥିଲା ।ବିଜେପି ସରକାର କ୍ଷମତାକୁ ଆସିବା ପରେ ଜାତିଭିତ୍ତିକ ଜନଗଣନା ହେବନାହିଁ ବୋଲି କହିଛନ୍ତି । କିନ୍ତୁ ରାଜ୍ୟଗୁଡିକୁ ଜାତି ଗଣନା ପାଇଁ ପରୋକ୍ଷରେ ଅନୁମତି ଦେଇଛନ୍ତି । ଜାତିଭିତ୍ତିକ ଗଣନା ପାଇଁ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାରମାନେ ହିଁ ବହନ କରିବେ । ଏଥିରେ କେନ୍ଦ୍ରର କୌଣସି ପ୍ରକାରର ଭୂମିକା ରହିବ ନାହିଁ ।

## ୩ ରାଜ୍ୟସଭା ପ୍ରାର୍ଥିପତ୍ର କାଏମ: ନିରଞ୍ଜନ ବିଶିଙ୍କ ନାଁରେ ୧୭ ମାମଲା, ସେ ବି କୋଟିପତି



ଭୁବନେଶ୍ୱର,୧।୬(ପି.ଏନ): ରାଜ୍ୟସଭାର ୩ଟି ଆସନ ପାଇଁ ଗତକାଲି ନାମାନଙ୍କ ପତ୍ର ଦାଖଲର ଶେଷଦିନରେ ଦାଏର ବିଜେଡି ପ୍ରାର୍ଥୀ ସୁଲତା ଦେଓ, ମାନସ ମଙ୍ଗରାଜ ଓ ସସ୍ମିତ ପାତ୍ରଙ୍କ ନାମାଙ୍କନ ପତ୍ର କାଏମ ରହିଛି । ତେବେ ରାଜ୍ୟସଭାର ଉପନିର୍ବାଚନ ଆସନ ପାଇଁ ବିଜେଡି ପ୍ରାର୍ଥୀ ନିରଞ୍ଜନ ବିଶି ନାମାଙ୍କନ ପତ୍ର ଦାଖଲ କରିଥିଲେ ମଧ ଶେଷ ତାରିଖ ଜୁନ୍ ୩ ରହିଥିବାରୁ ତାଙ୍କ ପ୍ରାର୍ଥିପତ୍ର ସମ୍ପର୍କରେ କିଛି ସୂଚନା ମିଳିଛି । ଶ୍ରୀ ବିଶି ଦାଖଲ କରିଥିବା ସତ୍ୟପାଠରେ ତାଙ୍କ ନାଁରେ ୧୭ଟି ଅପରାଧ ମାମଲା ଓ ତାଙ୍କର ଉଭୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ପରିମାଣ ମୋଟ କୋଟିଏ ଟଙ୍କାରୁ ଅଧିକ ବୋଲି ଦର୍ଶାଇଛନ୍ତି । ବିଜେଡିର ଅନ୍ୟ ୩ଜଣ ରାଜ୍ୟସଭା ପ୍ରାର୍ଥୀ କୋଟିପତି ହୋଇଥିବାବେଳେ ନିରଞ୍ଜନ ଓ ତାଙ୍କ ପତ୍ନୀଙ୍କ ସ୍ଥାବର-ଅସ୍ଥାବର ସମ୍ପତ୍ତିର ପରିମାଣ ମୋଟ ୧.୧୫କୋଟି ଟଙ୍କା ହେବ ବୋଲି ଜଣାପଡିଛି ।ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗତକାଲି ବିଜେଡିର ୪ଜଣ ରାଜ୍ୟସଭା ପ୍ରାର୍ଥୀ ନିଜର ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଆଜି ଯାଂଚ୍‌ବେଳେ ସୁଲତା, ମାନସ ଓ ସସ୍ମିତଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ନିରଞ୍ଜନଙ୍କ ପ୍ରାର୍ଥୀପତ୍ର ଯାଂଚ୍ ଜୁନ୍ ୪ ତାରିଖରେ ହେବ । ତେବେ ନିରଞ୍ଜନ ଦାଖଲ କରିଥିବା ସତ୍ୟପାଠରେ ତାଙ୍କ ନାଁରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଥାନାରେ ମୋଟ ୧୭ଟି ଅପରାଧ ମାମଲା ରହିଛି । ଏଥିରୁ କେତେକ ମାମଲା ସଙ୍ଗୀନ ମଧ ରହିଛି । ତେବେ ମୋଟ ୧୭ଟି ମାମଲା ମଧ୍ୟରୁ କେବଳ ବଲାଙ୍ଗିରର ଲଠମ୍ବା ଥାନାରେ ୨୦୧୪ ମସିହାରେ ରୁଜୁ ଏକ ମାମଲାରେ ତାଙ୍କ ନାଁରେ ପାଟଣାଗଡ ଏସଡିଜେଏମ୍ କୋର୍ଟ ୨୦୧୬ ଅଗଷ୍ଟ ୧୦ ତାରିଖରେ ଚାର୍ଜଫ୍ରେମ କରିଛନ୍ତି ।୫୩ବର୍ଷୀୟ ନିରଞ୍ଜନଙ୍କ ପାଖରେ ୨୬.୯୨ଲକ୍ଷ ଟଙ୍କାର ସ୍ଥାବର ଓ ୭୯.୪୦ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ଥିବାବେଳେ ତାଙ୍କ ପତ୍ନୀଙ୍କ ପାଖରେ ୯.୪୦ଲକ୍ଷ ଟଙ୍କାର ସମ୍ପତ୍ତି ଅଛି । ନିରଞ୍ଜନଙ୍କ ନିଜ ପାଖରେ ଚାରିଚକିଆ ଯାନ ନାହିଁ ଓ ତାଙ୍କ ପାଖରେ କେବଳ ଗୋଟିଏ ହୋଣ୍ଡା ଆକ୍ଟିଭା ଓ ସିଡି ୧୦୦ ବାଇକ୍ ଅଛି ବୋଲି ଦର୍ଶାଇଛନ୍ତି । ନିରଞ୍ଜନ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୨୦୧୫ ମସିହାରେ ଆଇନରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ତେବେ ନିରଞ୍ଜନଙ୍କ ନାଁରେ ଏତେ ସଂଖ୍ୟକ ଅପରାଧିକ ମାମଲା ଥିବାବେଳେ ଶାସକ ବିଜେଡି ତାଙ୍କୁ ପ୍ରାର୍ଥୀ କରିବା ପରୋକ୍ଷରେ ତାଙ୍କ ବିରୁଦ୍ଧରେ ଥିବା ମାମଲାକୁ ଚପାଇ ଦେବା ଅବା ରଫାଦଫାର ମାର୍ଗକୁ ପ୍ରଶସ୍ତ କରାଇବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।ସୂଚନାଯୋଗ୍ୟ, ବିଜେଡି ପ୍ରାର୍ଥୀ ସୁଲତା ଦେଓ, ମାନସ ମଙ୍ଗରାଜ, ସସ୍ମିତ ପାତ୍ର ଓ ନିରଞ୍ଜନ ବିଶି କୋଟିପତି ହୋଇଥିବାବେଳେ ମାନସଙ୍କ ସମ୍ପତ୍ତି ସେମାନଙ୍କ ମଧ୍ୟରେ ସର୍ବାଧିକ । ଏହି ୪ ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ କେହି ମଇଦାନରେ ନଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ।

## ବାରବାଟୀ ଟି-୨୦ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କଟକ/ଭୁବନେଶ୍ୱର, ୧।୬(ପି.ଏନ): କଟକ ବାରବାଟୀ ଷ୍ଟାଡିୟମରେ ଟି୨୦ ମ୍ୟାଚ୍ ବନ୍ଦ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ଢେଙ୍କାନାଳ ଭୁବନର ଜନୈକ ବ୍ୟକ୍ତିଙ୍କ ପକ୍ଷରୁ ଏହି ମାମଲା ଦାୟର କରାଯାଇଛି । ରାଜ୍ୟ ସରକାର, ବିସିସିଆଇ ଆଦି ୧୫ ଜଣଙ୍କୁ ପକ୍ଷଭୁକ୍ତ କରି ମାମଲା ଦାୟର କରାଯାଇଛି । ବାରବାଟୀ ଷ୍ଟାଡିୟମରେ ଅଗ୍ନି ନିରାପତାର ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି ।

## ୨ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୧।୬(ପି.ଏନ): ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡଘଡି , ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଜପତି, ଗଂଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୨୨ ଟି ଜିଲ୍ଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨ରୁ ୩ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କେନ୍ଦୁଝର, ମୟୂରଭଂଜ, ଢେଙ୍କାନାଳ, ମାଲକାନାଗିରି, ରାୟଗଡ଼ା, କୋରାପୁଟ ଓ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ବ୍ୟତୀତ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳର ଆକାଶ ଆଂଶିକ ମେଘୁଆ ରହିବା ସହ କିଛି ସ୍ଥାନରେ ବଜ୍ରପାତ ସହ ମଧ୍ୟମ ଧରଣର ବର୍ଷା ହୋଇପାରେ ।ଅନ୍ୟପକ୍ଷରେ ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତନ ହେବାର ସମ୍ଭାବନା ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

## କେନ୍ଦୁଝର : ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ତାଳ ଦେଇ ବାରମ୍ବାର ବିଦ୍ୟୁତକାଟ : ଅସ୍ତବ୍ୟସ୍ତ ଜନଜୀବନ : ନୀରବଦ୍ରଷ୍ଟା ପ୍ରଶାସନ

କେନ୍ଦୁଝର , ୧।୬(ପି.ଏନ): କେନ୍ଦୁଝରରେ ଗତ କିଛିଦିନ ଧରି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଗୁଳୁଗୁଳି ମଧ୍ୟ ଅସହ୍ୟ ହୋଇ ପଡିଛି । ଆଉ ଏଭଳି ସ୍ଥିତିରେ ଦୀର୍ଘ ସମୟ ପାଇଁ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ସାଧାରଣଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ୍ୟ ହୋଇ ପଡିଛି । ଏହି ଅବସ୍ଥା ସମଗ୍ର କେନ୍ଦୁଝରବାସୀ ଭୋଗୁଥିଲେ ମଧ୍ୟ ଝୁମ୍ପୁରା ଅଂଚଳରେ ବିଦ୍ୟୁତକାଟ ମାତ୍ରା ସବୁଠାରୁ ଅଧିକ ରହିଛି ବୋଲି କୁହାଯାଉଛି । ଝୁମ୍ପୁରା ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି କାମ ନାମରେ ବାରମ୍ବାର ବିଦ୍ୟୁତକାଟ କରାଯାଉଛି ତା ପୁଣି ଦୀର୍ଘ ସମୟଧରି । ବର୍ତମାନ ଟାଟା ପାୱାର ବିଦ୍ୟୁତ ଆବଣ୍ଟନ ଦାୟୀତ୍ୱରେ ରହିଥିବା କାରଣରୁ ଟାଟା ପାୱାର ଏବେ ଖୋଲା ଖୋଲି ଭାବେ ତା'ର ପାୱାର ଯେପରି ଦେଖାଉଅଛି ଏ ସଂପର୍କରେ ଯେତେ ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହିଁ । ଏବଂ ଏପଟେ ସରକାରଙ୍କର ଗେହ୍ଲା ପୁଅ ସାଜିଥିବା ଟାଟା ପାୱାର ର ମଧ୍ୟ କିଛି ହବାର ନାହିଁ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।। ଏହି ପ୍ରବଳ ଖରାରେ ଜଳକଷ୍ଟ ମଧ୍ୟ ସୀମା ଅତିକ୍ରମ କରିସାରିଲାଣି । ଝୁମ୍ପୁରା ବ୍ଲକ ଅଂଚଳରେ ସମସ୍ତ ପାନୀୟ ଜଳ ପ୍ରକଳ୍ପ ଗୁଡିକ ବିଦ୍ୟୁତ ଦ୍ୱାରା ପରିଚାଳିତ । ବିଦ୍ୟୁତ ମୋଟର ଚଳାଇ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଥାଏ । କେତେକ ଜାଗାରେ ଜଳ ଗଚ୍ଛିତ ରଖିବା ପାଇଁ ଓଭରହେଡ ଟାଙ୍କି ମଧ୍ୟ ନାହିଁ । ବିଦ୍ୟୁତ କାଟ ହେବା ଯୋଗୁଁ ପମ୍ପ ବନ୍ଦ ହେବା ଦ୍ୱାରା ଓଭରହେଡ ଟାଙ୍କିରେ ପାଣି ଗଚ୍ଛିତ ହୋଇ ପାରୁନାହିଁ । ଫଳରେ ଦିନ ଦିନ ଧରି ଗ୍ରାମର ବାସିନ୍ଦାମାନେ ଜଳକଷ୍ଟ ର ସମ୍ମୁଖୀନ ହେଉଛନ୍ତି ।ସୂଚନା ଅନୁଯାୟୀ ଟାଟା ପାୱାରର ଝୁମ୍ପୁରା ବିଦ୍ୟୁତ ସେକ୍ସନରେ ରହିଛନ୍ତି ୧୨ ହଜାରରୁ ଉର୍ଦ୍ଧ ବିଦ୍ୟୁତ ଉପଭୋକ୍ତା । ଅଘୋଷିତ ବିଦ୍ୟୁତ କାଟରେ ଅତିଷ୍ଠ ହୋଇ ପ୍ରତ୍ୟହ ଶହ ଶହ ବିଦ୍ୟୁତ ଉପଭୋକ୍ତା ଝୁମ୍ପୁରା ବିଦ୍ୟୁତ ସେକସନରେ ଅଭିଯୋଗ କରି ଚାଲିଛନ୍ତି, ହେଲେ ସମସ୍ୟାର ସମାଧାନ ପାଇଁ ବିଭାଗ ଆଗ୍ରହ ପ୍ରକାଶ କରୁନାହିଁ । କେବଳ ମରାମତି ନାମରେ ସବୁକୁ ଏଡାଇ ଦିଆଯାଉଛି । ଝୁମ୍ପୁରା ସେକସନର ବିଦ୍ୟୁତ ଯନ୍ତ୍ରୀ ଲମ୍ବୋଦର ବାରିକ ମଧ୍ୟ ଅନୁରପ ଭାବେ ମରାମତି କାମ ଯୋଗୁଁ ବିଦ୍ୟୁତ କାଟ ହେଉଛି, ଆମେ କିଛି କରିପାରିବୁ ନାହିଁ ବୋଲି ସାଧାସଳଖ କହୁଛନ୍ତି । ତେବେ ବିଦ୍ୟୁତକାଟ ନ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚୀବଙ୍କ ନିର୍ଦ୍ଦେଶର କଣ କିଛି ମୂଲ୍ୟ ନାହିଁ ? ଏହାର ଉତର ଦବ କିଏ ତାହା ପୁଣି ଅନ୍ୟ ଏକ ପ୍ରଶ୍ନ ।

## ଜୁଲାଇ ୪ରୁ ଓଜେଇଇ

ଭୁବନେଶ୍ୱର, ୧।୬(ପି.ଏନ): ଆସନ୍ତର ଜୁଲାଇ ୪ ତାରିଖରୁ ଆରମ୍ଭ ହେବ ଓଜେଇଇ । ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ କଲେଜ, ବିଶ୍ୱବିଦ୍ୟାଳୟଗୁଡ଼ିକର ବୈଷୟିକ ପାଠ୍ୟକ୍ରମରେ ନାମଲେଖା ଲାଗି ଜୁଲାଇ ମାସରେ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଅନୁଷ୍ଠିତ ହେବ । ଏଥିପାଇଁ ବୁଧବାର ଓଜେଇ୨୦୨୨ ର ପରୀକ୍ଷା ସୂଚୀ ପ୍ରକାଶ ପାଇଛି ।ସୂଚନା ଅନୁଯାୟୀ ଜୁଲାଇ ୪ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ୮ ତାରିଖରେ ଶେଷ ହେବ । ସକାଳ ୯ଟାରୁ ପ୍ରତିଦିନ ୩ଟି ସିଫ୍ଟରେ ପରୀକ୍ଷା ହେବ । ଜୁଲାଇ ୪ରେ ୩ଟି ଯାକ ସିଫ୍ଟରେ ଲାଟେରାଲ୍ ଏଂଟ୍ରି ଟେକ୍ ଡିପ୍ଲୋମା ପରୀକ୍ଷା ହେବ । ଜୁଲାଇ ୫ ତାରିଖର ୧ମ ଓ ୨ୟ ସିଫ୍ଟରେ ଏମସିଏ/ଏମଏସସି (କଂପ୍ୟୁଟର ସାଇନ୍ସ) ପରୀକ୍ଷା ହେବ । ଜୁଲାଇ ୫ର ୩ୟ ସିଫ୍ଟରେ ଏମଟେକ୍, ଏମ୍ ଆର୍ଚ, ଏମ ଫାର୍ମା ଓ ବି ସିଏଟି ପରୀକ୍ଷା ହେବ । ୬ ତାରିଖର ପ୍ରଥମ ୨ଟି ସିଫ୍ଟରେ ଏମବିଏ ଓ ୩ୟ ସିଫ୍ଟରେ ଇଂଟିଗ୍ରେଟେଡ ଏମବିଏ, ଲାଟେରାଲ୍ ଏଂଟ୍ରି ଫାର୍ମା, ଲାଟେରାଲ୍ ଏଂଟ୍ରି ଟେକ୍(ବିଏସସି), ବିସିଏଟ୍(ଫିଲ୍ମ ଏଡିଟିଂ) ପରୀକ୍ଷା ହେବ ।୮ ତାରିଖରେ କେବଳ ୧ମ ଓ ୨ୟ ସିଫ୍ଟରେ ବି ଫାର୍ମା ପ୍ରବେଶିକା ପରୀକ୍ଷା ହେବ ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୂଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ରକ୍ତଦାନ ମହାପୁଣ୍ୟ: ନଷ୍ଟ ହେବା ପରେ ବି କାମରେ ଲାଗୁଛି



ରକ୍ତର ବିକଳ୍ପ ହିଁ ନାହିଁ। ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁମୂର୍ଷୁଙ୍କୁ। ଦିନକୁ ଦିନ ଆକାରନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁମୂର୍ଷୁଙ୍କର ଜୀବନ ଦୀପ ନିର୍ବାପିତ ହେଉଛି। ସରକାରୀସ୍ତର ଆଉ ସେବାକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

କଥାରେ ଅଛି ରକ୍ତଦାନ ମହାପୁଣ୍ୟ। ରକ୍ତ ଦେଇ କାହାର ମୂଲ୍ୟବାନ ଜୀବନ ରକ୍ଷା କରିବା ଠାରୁ ଆଉ ମହତ କାର୍ଯ୍ୟ କିଛି ନାହିଁ। ଏହି ରକ୍ତ ନା କେବଳ ରୋଗୀ ଶରୀରରେ ପ୍ରବେଶ କରି ତାଙ୍କ ଜୀବନ ରକ୍ଷା କରୁନାହିଁ ବରଂ ଏହାର ବିଭିନ୍ନ ଉପାଦାନ ମଧ୍ୟ ଲୋକଙ୍କୁ ଦୁରାରୋଗ୍ୟ ବ୍ୟାଧିରୁ ରକ୍ଷା କରୁଛି। ଏପରିକି ନଷ୍ଟ ହୋଇଯାଉଥିବା ରକ୍ତରୁ ମଧ୍ୟ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଛନ୍ତି। ଓଡ଼ିଶାରେ ବାର୍ଷିକ ୫ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ଏହାର ସିଂହଭାଗ ରକ୍ତ ସିଧାସଳଖ ବ୍ୟବହାର ହେଉଛି। ତେବେ ବଳକା କଣ, ପ୍ଲାଜ୍ମା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଛି। ପୂର୍ବରୁ ଏହାକୁ ନଷ୍ଟ କରିଦିଆଯାଉଥିଲା, କିନ୍ତୁ କୋଭିଡ଼ ମହାମାରୀ ପରେ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଏହାକୁ ଔଷଧ ପ୍ରସ୍ତୁତକାରୀ କମ୍ପାନୀକୁ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବିକ୍ରି ଅର୍ଥ ସମ୍ପୃକ୍ତ ରକ୍ତ ଭଣ୍ଡାରର ବିକାଶ ପାଇଁ ବ୍ୟୟ କରାଯାଉଛି। ଏହି ଅର୍ଥ ରକ୍ତ ଭଣ୍ଡାର ଉପରେ ନିର୍ଭର କରୁଥିବା ରୋଗୀଙ୍କ କଲ୍ୟାଣ ଦିଗରେ ବ୍ୟୟ କରାଯାଉଛି।

ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି। ଏଣୁ ଏହାର ଚାହିଦା ସର୍ବାଧିକ। ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ। ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ। ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ। ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ। ତା' ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦୁର୍ଘଟଣାରେ ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ୍ୟ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ। ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ। ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ। ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ। ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ। ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ।

ରାଜ୍ୟର ୩୦ ଜିଲ୍ଲାରେ ୫୭ଟି ରକ୍ତ ଭଣ୍ଡାର ରହିଥିବାବେଳେ ବାର୍ଷିକ ପ୍ରାୟ ୫ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଇଥାଏ। ଗତ ବର୍ଷ ୪୯୪୨ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୨୭୬୫୮୧ ଆଉଟଡୋର କ୍ୟାମ୍ପ ଜରିଆରେ ସମୁଦାୟ ୪୮୭୪୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଂଗୃହୀତ ରକ୍ତକୁ ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ତାପମାତ୍ରାରେ ସଂରକ୍ଷିତ ରଖାଯାଇଥାଏ। ତେବେ ୩୫ ଦିନ ପରେ ରକ୍ତ ଆଉ ବ୍ୟବହାରଯୋଗ୍ୟ ହୋଇନଥାଏ। ରାଜ୍ୟରେ ସଂଗ୍ରହ କରାଯାଉଥିବା ସମୁଦାୟ ୟୁନିଟରୁ ପ୍ରାୟ ୧ ପ୍ରତିଶତ ଜୀବନକାଳ ଶେଷ ହୋଇଯାଉଥାଏ। ରକ୍ତ ସଂଗ୍ରହ ପରେ ସେଥିରେ ଏଚଆଇଭି, ହେପାଟାଇଟିସ ବି ଓ ସି, ଏଚ୍‌ଟିଏଲଭି, ଓ୍ୱେଷ୍ଟ ନାଇଲ ଭାଇରସ ଆଦି ଯାଞ୍ଚ କରାଯାଇଥାଏ। ସଂଗୃହୀତ ରକ୍ତରେ ଏହି ରୋଗ ଜୀବାଣୁ ଚିହ୍ନଟ ହେଲେ ତାହା କୌଣସି ରୋଗୀଙ୍କୁ ଦିଆଯାଇ ପାରିବନାହିଁ। ପୂର୍ବରୁ ଏହାକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିଦିଆଯାଉଥିଲା। ତେବେ ସମ୍ପ୍ରତି ଏଥିରୁ ଫାର୍ମା କମ୍ପାନୀ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବାହାର କରି ସେଥିରୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରୁଛନ୍ତି। ଅପରପକ୍ଷେ ପ୍ରତ୍ୟେକ ବ୍ଲଡ଼ ବ୍ୟାଙ୍କରେ ରକ୍ତରୁ ପ୍ଲାଜ୍ମା ସଂଗ୍ରହ କରାଯାଇଥାଏ। ଗୋଟିଏ ୟୁନିଟ ରକ୍ତରୁ ପ୍ଲାଜ୍ମା ସମେତ ପ୍ଲେଟଲେଟ ଓ ପିଆରଭିସି ବାହାର କରାଯାଏ। ଏଗୁଡ଼ିକ କର୍କଟ, ଡେଙ୍ଗୁ, କୋଭିଡ଼ ଆଦି ରୋଗୀଙ୍କୁ ଦିଆଯାଏ। ତେବେ ଅନେକ ସମୟରେ ଏହି ପ୍ଲାଜ୍ମା ରୋଗୀଙ୍କ କାମରେ ଆସିନଥାଏ। ପୂର୍ବରୁ ଏହାକୁ ନଷ୍ଟ କରି ଦିଆଯାଉଥିଲା। ତେବେ କେନ୍ଦ୍ର ସରକାର ନୂଆ ଗାଇଡ଼ଲାଇନ ଆଣିବା ପରେ ସେଗୁଡ଼ିକୁ ଟେଣ୍ଡର ମାଧ୍ୟମରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀକୁ ଯୋଗାଇ ଦିଆଯାଉଛି ଏବଂ କେନ୍ଦ୍ର ସରକାର ସମ୍ପୃକ୍ତ ରକ୍ତ ଭଣ୍ଡାରକୁ ପ୍ରତିବଦଳରେ ଅର୍ଥ ପ୍ରଦାନ କରୁଛନ୍ତି। ଅବ୍ୟବହୃତ ପ୍ଲାଜ୍ମା ସରକାରୀ ନିର୍ଦ୍ଧାରିତ ଦରରେ ଅନୁମତିପ୍ରାପ୍ତ କମ୍ପାନୀଙ୍କୁ ଯୋଗାଇ ଦିଆଯାଉଛି। ପ୍ଲାଜ୍ମାରୁ ଆଲବୁମିନ, ଫାକ୍ଟର-୮, ଫାକ୍ଟର-୯ ପ୍ରସ୍ତୁତ କରାଯାଉଛି। ପ୍ଲାଜ୍ମା ପ୍ରତିବଦଳରେ ୟୁନିଟ ପିଛା ରକ୍ତ ଭଣ୍ଡାରକୁ ୧୬୦୦ ଟଙ୍କା ମିଳୁଛି।

ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ। କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ। ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ। ଯାହାଦ୍ୱାରା କି ଅନୁମାନ ୫୦୦ ଲୋକଙ୍କ ଜୀବନରକ୍ଷା ସମ୍ଭବ। ସ୍ୱେଚ୍ଛାକୃତ ରକ୍ତଦାନଠାରୁ ବଳି ଅନ୍ୟ କିଛି ନାହିଁ। କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ। ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ବିବାଦରେ ଟେରେସାଙ୍କ ଏନ୍‌ଜିଓ



୫୪-ଏ, ଏଜେସି ରୋଡ, କୋଲକାତା-୧୬ ସ୍ଥିତ ମିସନାରୀଜ ଅଫ୍ ଚ୍ୟାରିଟୀ (ମଦର ହାଉସ)କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଧିକ ଦୁଇପାଦ ଆଗକୁ ଯାଇ ନିଜଆଡ଼ୁ କେନ୍ଦ୍ର ସରକାରଙ୍କ ଉପରେ ଅଭିଯୋଗ କଲେ ଯେ ଏହି ସଂସ୍ଥାର ବ୍ୟାଙ୍କ ଖାତାଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍କ୍ରିୟ କରିଦିଆଯାଇଛି। ଏହା ପରେ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ସୂଚନା ପ୍ରଦାନ କରାଗଲା ତାହା ହେଲା ସଂସ୍ଥାର ବ୍ୟାଙ୍କ ପକ୍ଷରୁ ଜମାଖାତା ବନ୍ଦ କରିବାକୁ ପ୍ରସ୍ତାବ ଆସିଛି, ସରକାରଙ୍କ ପକ୍ଷରୁ ନୁହେଁ। କାରଣ ବିଦେଶୀ ଅନୁଦାନ ଲାଭ କରୁଥିବା ଏହି ସଂସ୍ଥାର କାଗଜପତ୍ର ଠିକ୍ ନାହିଁ, ଡିସେମ୍ବର ୨୦୨୧ ସୁଦ୍ଧା ଅନୁମତି ଅବଧି ଶେଷ ହୋଇଯାଇଛି। ଖାତାକୁ ଚାଲୁରଖିବା ଲାଗି ଯେଉଁ ନିୟମ ରହିଛି ସଂସ୍ଥା ସେହି ନିୟମାନୁସାରେ କାର୍ଯ୍ୟ ନ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ସୂଚନା ଦେଇଥିଲେ। ମାମଲାଟି ହେଲା ମଦର ଟେରେସାଙ୍କ ଦ୍ୱାରା ଏହି ସଂସ୍ଥାଟି ସେବା ମାଧ୍ୟମରେ ଧର୍ମାନ୍ତରଣ କରିଥାଏ। ଅତୀତ ବର୍ଷମାନଙ୍କରେ ଭାରତରେ ଲକ୍ଷଲକ୍ଷ ସଂଖ୍ୟକ ହିନ୍ଦୁଙ୍କୁ ସେବା ଯୋଗାଇଦେବା ନାମରେ ଖ୍ରୀଷ୍ଟିଆନକୁ ଧର୍ମାନ୍ତରିତ କରିଛି। ଯେହେତୁ ମଦର ଟେରେସା ନୋବେଲ ପୁରସ୍କାର ପାଇଥିଲେ ତେଣୁ ତାଙ୍କ ସଂସ୍ଥା ଯାହା କଲେ ବି କେହି କିଛି କରିବେ ନାହିଁ, କେହି କିଛି କହିବେ ନାହିଁ, ସାତଖୁଣ ମାଫ କଲା ପରି ସବୁ ଆଇନକୁ ଫାଙ୍କିଦେଇ କାମ ହୋଇପାରିବ, ତାହା ଠିକ୍ ନୁହେଁ। ଏହା ମଧ୍ୟ ସତକଥା ଯେ ଅତୀତରେ ଏହି ସଂସ୍ଥା ବିରୋଧରେ କେହି କହିବା ଦୂରେ ଥାଉ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବଡ କଷ୍ଟକର ଥିଲା। ଏହି ସଂସ୍ଥା ଉପରେ ଦୃଷ୍ଟି ପକାଇବା ପୂର୍ବରୁ ଭାଟିକାନ ସିଟିର ଲୋକେ ଭିନ୍ନ ଭିନ୍ନ ମାର୍ଗରେ ଥାଇ ଅଦୃଶ୍ୟ ଆକ୍ରମଣ କରୁଥିଲେ।

ଏବେ ହକ୍ ଆଇ ନାମକ ଏକ ସୋସିଆଲ ମିଡିଆରେ ବିଦେଶୀ ଧନ ଗ୍ରହଣ ଆଇନ (ଏଫସିଆରଏ) ଅନୁଯାୟୀ ମିସନାରୀଜ ଅଫ୍ ଚ୍ୟାରିଟୀ ଯେଉଁ ତଥ୍ୟ ପ୍ରଦାନ କରିଛି, ସେ ବିଷୟରେ ଉଲ୍ଲେଖ କରାଯାଇଛି। ତଥ୍ୟାନୁସାରେ ୭୬ ପୃଷ୍ଠାର ଦଲିଲ ବିଶିଷ୍ଟ ଏହି ସ୍ୱେଚ୍ଛାସେବୀ ସଂସ୍ଥାର ୨୦୨୦-୨୧ର ହିସାବ ଅନୁଯାୟୀ ଗୋଟିଏ ବର୍ଷ ମଧ୍ୟରେ ୪୦୬ଜଣ ଦାତାଙ୍କଠାରୁ ୭୫କୋଟି ୧୯ଲକ୍ଷ ୩ହଜାର ଏକଶହ ଷୋହଳ ଟଙ୍କା ୬୭ପଇସା ପାଇଛି। ଦାତାଙ୍କ ମଧ୍ୟରେ ୩୪୭ ବ୍ୟକ୍ତି ଓ ୫୯ଗୋଟି ସଂସ୍ଥା ରହିଛନ୍ତି। ଆମେରିକାର ମିସନାରୀଜ ଅଫ ଚ୍ୟାରିଟୀ ସଂସ୍ଥାରୁ କେବଳ ୪୪ କୋଟି ୧୯ଲକ୍ଷ କୋଲକାତାର ସଂସ୍ଥାକୁ ଦାନସୂତ୍ରେ ଆସିଛି। ଏହାପରେ ସବୁଠି ବଡ ଦାତା ହେଉଛନ୍ତି ଦକ୍ଷିଣ ଆମେରିକାସ୍ଥିତ ଏକ ବାଣିଜ୍ୟିକ ସଂସ୍ଥା କ୍ରିତି ଫାଇନାନ୍ସ ଯାହା ୧୩କୋଟି ୫୨ଲକ୍ଷ ୮୮ହଜାର ୨୯୦ଟଙ୍କା ଦେଇଛି। ଏହି ବାଣିଜ୍ୟିକ ସଂସ୍ଥାଟି ଦକ୍ଷିଣ ଆମେରିକାର ପାନାମା ସିଟୀରେ କାର୍ଯ୍ୟ କରୁଛି, ଯାହାର ନାମ ପାଣ୍ଡୋରା ପେପର୍ସରେ ରହିଛି ବୋଲି କୁହାଯାଇଛି। ଯାହାର ଠିକଣାଟି ହେଉଛି ଇଷ୍ଟ ୫୩ ଷ୍ଟ୍ରୀଟ, ମାର୍ବେଲ୍ଲା ସ୍ୱିସ ବ୍ୟାଙ୍କ ବିଲଡିଂ ୨ୟ ମହଲା, ରିପବ୍ଲିକ ଅଫ ପାନାମା, ପାନାମା। ଅନ୍ୟ ଏକ ସଂସ୍ଥା ସିମି ଫାଉଣ୍ଡେସନ ଯାହା କ୍ରିତି ଫାଇନାନ୍ସର ମାର୍ଫତ ଠିକଣା ଦେଇଛି ସେ ମଧ୍ୟ ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ମିସନାରୀଜ ଅଫ୍ ଚ୍ୟାରିଟୀକୁ ୩୨କୋଟି ଟଙ୍କା ଦାନ ସୂତ୍ରରେ ପ୍ରଦାନ କରିଛି। କଥା ହେଉଛି ମିସନାରୀଜ ଅଫ୍ ଚ୍ୟାରିଟୀକୁ ଦାନ ଦେଇଥିବା କ୍ରିତି ଫାଇନାନ୍ସର ଦକ୍ଷିଣ ଆମେରିକା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ହେଉଛନ୍ତି ଏଡଗାର୍ଡୋ ଇ.ଡିଆଜ୍ ଯାହାଙ୍କ ନାମ ପାଣ୍ଡୋରା ପେପର୍ସରେ ରହିଛି। ଏଡଗାର୍ଡୋ ପାନାମାର ଅନ୍ୟ ଏକ ସଂସ୍ଥା ବାରୀମିଲ୍ ଇନଭେଷ୍ଟମେଣ୍ଟରେ ମଧ୍ୟ ନିର୍ଦ୍ଦେଶକ ରହିଛନ୍ତି। ସେହି କମ୍ପାନୀର ଅଂଶଧନ ଓ୍ୱିଖର୍ଡଟର ନିର୍ଦ୍ଦେଶକ ହବିଲ ଫଖରୁଦ୍ଦୀନ ଖୋରାକିଓ୍ୱାଲାଙ୍କ ପରିବାରବର୍ଗଙ୍କ ନାମରେ ରହିଛି ଏବଂ ତାଙ୍କ ପରିବାର ପାନାମାର ସଂସ୍ଥାରେ ୨୦ ମିଲିଅନ ଡଲାର ଅଂଶଧନ ରଖିଛନ୍ତି, ଯାହା ଦୁର୍ନୀତିର ତାଲିକାରେ ରହିଛି। ଏକଥା ସତ ଯେ ୨୫୦ରୁ ଅଧିକ ବ୍ୟାଙ୍କ ଖାତାରୁ ମିସନାରୀଜ ଅଫ୍ ଚ୍ୟାରିଟୀ କୋଲକାତାର ସଂସ୍ଥାକୁ ଗତ ୧୫ବର୍ଷରେ ୧୦୯୯ କୋଟି, ଗତ ୫ବର୍ଷରେ ୪୨୬କୋଟି ଏବଂ ଗତ ଗୋଟିଏ ବର୍ଷରେ ୭୫ କୋଟି ଅର୍ଥ ଆସିଛି। ଏହି ସଂସ୍ଥାକୁ ଟ୍ରଷ୍ଟି ଅଫ ଦି ସୋସାଇଟୀ ଅଫ୍ ଦି ମିସନାରୀଜ ଅଫ ଚ୍ୟାରିଟୀ ପାଖରୁ ୫କୋଟି ୩୭ଲକ୍ଷ ୯୯ହଜାର ୫୨୮ଟଙ୍କା, ମିସନାରୀଜ ଅଫ ଚ୍ୟାରିଟୀ ଲୋନ୍ ପାଖରୁ ୩କୋଟି ୯୦ଲକ୍ଷ, ଜୁ ଚି ଫାଉଣ୍ଡେସନ ୭୭ଲକ୍ଷ ୬୪ହଜାର ୯୮୮ଟଙ୍କା, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ ୭୦ଲକ୍ଷ, ଏଡଭୋକାଥୁସେଟ ହୋର୍ଟେନ ୬୫ଲକ୍ଷ ୫୫ ହଜାର ୮୯୯ ଟଙ୍କା, ୟୁଏଲଏମ୍ ଫାମିଲୀ ଫାଉଣ୍ଡେସନ ୬୩ଲକ୍ଷ ୬୫ହଜାର ୩୭୮ଟଙ୍କା, ଚୁଜି ଫାଉଣ୍ଡେସନ ମୁଖ୍ୟାଳୟ ୪୯ଲକ୍ଷ ୧୦ହଜାର ୯୯୦ଟଙ୍କା ଦେଇଛନ୍ତି। ଆମେ ୧୦ଜଣ ଦାତାଙ୍କ ତାଲିକା ଦେଲୁ। ଏମିତି ଏହି ତାଲିକା ଖୁବ୍ ଲମ୍ବା ରହିଛି। କଥା ହେଉଛି ପୃଥିବୀର ଟିକସ ଚୋରୀ ପାଇଁ କୁଖ୍ୟାତ ପାନାମା ସିଟୀର ଏହି ଅଳ୍ପ ପରିଚିତ କମ୍ପାନୀ କିମ୍ବା ବ୍ୟକ୍ତି ବିଶେଷ କିପରି ଏତେ ବଡ ପରିମାଣର ଅର୍ଥଦାନ କରିଛନ୍ତି ତାହା ହେଉଛି ସନ୍ଦେହର ବିଷୟ, ଅନୁସନ୍ଧାନ ସାପେକ୍ଷ। କାରଣ ବାରିମିଲର ଦୁଇ ନିର୍ଦ୍ଦେଶକ ଏବଂ ଏଡିଗାର୍ଡୋ ପାନାମାର ଅନ୍ୟ ଏକ କମ୍ପାନୀ ପୁରଉଡ ଇନଭେଷ୍ଟମେଣ୍ଟରେ ନିର୍ଦ୍ଦେଶକ ରହିଛନ୍ତି। ଏହିସବୁ ସଂସ୍ଥାର ଆଇନଗତ କାର୍ଯ୍ୟ ଏଲେମେନ୍, କୋର୍ଡେରୋ, ଗାଲିଣ୍ଡୋ ଏଣ୍ଡ ଲି ହାତରେ ରହିଛି। ପୂର୍ବରୁ ପାଣ୍ଡୋରା ପେପର୍ସ ଦୁର୍ନୀତିରେ ଥିବା ସଂସ୍ଥାର ନାମରେ ଭାରତର କିଛି ସଂସ୍ଥାଙ୍କ ସଂପୃକ୍ତି ରହିଥିବା ନେଇ ଅତୀତରେ ସମ୍ବାଦ ପ୍ରକାଶ ପାଇଛି। ଏ ବିଷୟରେ ଭାରତ ସରକାର ଅଧିକ ଅନୁସନ୍ଧାନ କରିବାକୁ ଦାବି ମଧ୍ୟ ଉଠିଛି। ଏବେ ଯଦି ସନ୍ଦେହଜନକ କାର୍ଯ୍ୟରେ ଲିପ୍ତ ଥିବା ଏହିସବୁ ସଂସ୍ଥାଗୁଡ଼ିକର ଅର୍ଥ ଦାନସୂତ୍ରରେ ଭାରତର ଏକ ସଂସ୍ଥାକୁ ଆସିଛି, ତେବେ ସେହି ସଂସ୍ଥାର ମଧ୍ୟ ସେହିସବୁ ବିଦେଶୀ ସଂସ୍ଥାଗୁଡ଼ିକ ସହ ଅନୈତିକ ସଂପର୍କ ରହିଥିବା ସମ୍ଭବ, ଏଥିରେ ସନ୍ଦେହ କରିବାର ନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଦେଶରୁ ଅନୁଦାନ ଲାଭ କରୁଥିବା ଏନ୍‌ଜିଓ (ସ୍ୱେଚ୍ଛାସେବୀ ସଂଗଠନ)ଗୁଡ଼ିକ ୩୧ ଡିସେମ୍ବର ୨୦୨୧ସୁଦ୍ଧା ସେମାନଙ୍କ ଜମାଖାତା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଖୋଲିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ। ବିଦେଶୀ ଅନୁଦାନ ଲାଭ କରୁଥିବା ଦେଶର ୨୨୮୩୦ ଗୋଟି ପଞ୍ଜିକୃତ ଏନ୍‌ଜିଓ ମଧ୍ୟରୁ ପ୍ରାୟ ୧୯୦୦୦ ବ୍ୟାଙ୍କ ଜମାଖାତା ଖୋଲିଥିଲେ ହେଁ ଅନେକ ସଂସ୍ଥା ଏପର୍ଯ୍ୟନ୍ତ ତାହା କରିନାହାନ୍ତି। ବିଦେଶୀ ଅନୁଦାନ ଆଇନ ୨୦୨୦ର ସଂଶୋଧନ ଅନୁଯାୟୀ ଏହା କରିବା ବାଧ୍ୟତାମୂଳକ। ପୂର୍ବରୁ ବିଦେଶୀ ଅନୁଦାନ ପାଇଁ ନିୟମିତ ହିସାବ ଦେଖାଉନଥିବା ୬୬୦୦ ଏନ୍‌ଜିଓଙ୍କୁ କେନ୍ଦ୍ର ସରକାର ୨୦୧୬-୨୦ ମଧ୍ୟରେ କଳାତାଲିକାଭୁକ୍ତ କରି ସେମାନଙ୍କ ପଞ୍ଜିକରଣ ରଦ୍ଦ କରିଛନ୍ତି। ଏହିସବୁ ଏନ୍‌ଜିଓଗୁଡ଼ିକ ବିରୋଧରେ ଅନୁଦାନ ଅର୍ଥର ଅପବ୍ୟବହାର ସଂପର୍କୀତ ଅନେକ ପ୍ରମାଣ ମିଳିଥିଲା। ଏହି ନିର୍ଦ୍ଦେଶ ବିରୋଧରେ ଚଳିତବର୍ଷ ଜୁଲାଇ ମାସରେ ରାୟ ଦେଇ ଜୁନ୍-୩୦, ୨୦୨୧ପରେ ବାର୍ଷିକ ଆୟ-ବ୍ୟୟ ତଥ୍ୟ ନଦେଇପାରିଲେ ସରକାର କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଥିଲେ। ଫଳରେ ସରକାର ସେହି ସମୟ ୩୧ ଡିସେମ୍ବରକୁ ବୃଦ୍ଧି କରିବାକୁ ବାଧ୍ୟ ହୋଇଥିଲେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତଥ୍ୟାନୁଯାୟୀ ୨୦୧୬-୧୯ମଧ୍ୟରେ ବିଦେଶରୁ ଭାରତର ସ୍ୱେଚ୍ଛାସେବୀ ସଂସ୍ଥା (ଏନ୍‌ଜିଓ)ଗୁଡ଼ିକଙ୍କ ନିକଟକୁ ୫୮୦୦୦କୋଟି ଟଙ୍କା ଅନୁଦାନ ଅର୍ଥ ଆସିଥିଲା। ତେବେ ଅନେକ ଅନୁଷ୍ଠାନ କାର୍ଯ୍ୟ ଅପେକ୍ଷା ନିଜ ବାବଦରେ ଅଧିକ ବେହିସାବୀ ଖର୍ଚ୍ଚ କରିଥିବାର ଲକ୍ଷ୍ୟ କରାଯାଇଥିଲା। ଅନେକ ସ୍ଥଳରେ ଏହି ସଂସ୍ଥାଗୁଡ଼ିକ ମାଧ୍ୟମରେ ବିଦେଶରୁ ଅର୍ଥ ଆସି ସନ୍ତ୍ରାସବାଦୀଙ୍କ ଅସ୍ତ୍ରଶସ୍ତ୍ର କିଣା ପାଇଁ ମଧ୍ୟ ଯୋଗାଇ ଦିଆଯାଇଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା। ଏପରିକି ଅନେକଗୁଡ଼ିଏ ବିକାଶମୂଳକ ସରକାରୀ ପ୍ରକଳ୍ପକୁ ବନ୍ଦକରିବା ପାଇଁ ତଥାକଥିତ ଆନ୍ଦୋଳନର ଷଡଯନ୍ତ୍ର ପାଇଁ ମଧ୍ୟ ଅର୍ଥ ପ୍ରଦାନ ହୋଇଥିଲା। ଅତୀତରେ ତାମିଲନାଡୁର ଆଣବିକ ଶକ୍ତି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଦୁଇବର୍ଷ ଯାଏଁ ଯେଉଁ ଲମ୍ବା ଆନ୍ଦୋଳନ ଚାଲିଥିଲା ତା ପଛରେ ବିଦେଶୀଶକ୍ତିଙ୍କ ଏହି ଅନୁଦାନ ରହିଥିବାର ପ୍ରମାଣ ମିଳିଥିଲା। ଉକ୍ତ ପ୍ରକଳ୍ପ ରୁଷିଆର ସହଯୋଗରେ ନିର୍ମିତ ହେଉଥିବାରୁ ଆମେରିକା ଓ ୟୁରୋପର ଅନେକ ରାଷ୍ଟ୍ର ସେହି ପ୍ରକଳ୍ପ ବନ୍ଦ କରିବା ପାଇଁ ଏନ୍‌ଜିଓମାନଙ୍କୁ ଅବିରତ ଆନ୍ଦୋଳନ ଜାରି ରଖିବାକୁ ପ୍ରଚୁର ଅର୍ଥ ଯୋଗାଇ ଦେଇଥିଲେ। ଫଳରେ ଅନେକ ସମୟ ନଷ୍ଟ ହେବା ସହ ପ୍ରକଳ୍ପ ନିର୍ମାଣ ବାଧାପ୍ରାପ୍ତ ହେବା ଯୋଗୁ ଖର୍ଚ୍ଚ ମଧ୍ୟ ବଢ଼ିଥିଲା। ଦେଶର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ବିଦେଶୀ ଅର୍ଥରେ ସଇତାନୀ କାର୍ଯ୍ୟରତ ଏନ୍‌ଜିଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଆଇନରେ ସଂଶୋଧନ ଆଣିଥିଲେ।

କହିବା କଥା ହେଲା ଡିସେମ୍ବର ମାସ ୨୭ ତାରିଖ ଦିନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଟ୍ୱିଟରରେ ଲେଖିଲେ ଯେ ମଦର ଟେରେସାଙ୍କ ମିସନାରୀ ଅଫ ଚ୍ୟାରିଟୀର ବ୍ୟାଙ୍କ ଜମାଖାତାକୁ ନିଷ୍କ୍ରିୟ କରାଯିବା ଯୋଗୁ ୨୨୦୦୦ ରୋଗୀ ଓ କର୍ମଚାରୀ ଭୋକିଲା ରହିବା ସହ ଔଷଧରୁ ବଞ୍ଚିତ ହୋଇଛନ୍ତି। ପଶ୍ଚିମବଙ୍ଗର ବିରୋଧୀଦଳ ନେତା ସୂର୍ଯ୍ୟକାନ୍ତ ମିଶ୍ର ମଧ୍ୟ ସମାନପାଠକୁ ଟ୍ୱିଟ କରି ସମର୍ଥନ ଜଣାଇଲେ। କଥା ହେଲା ଏହି ସଂସ୍ଥା ଅନେକ ସମୟରେ ବିବାଦରେ ରହିଆସିଛି। ଜୁଲାଇ ୨୦୧୮ରେ ଝାଡଖଣ୍ଡରେ ଏହି ସଂସ୍ଥା ନାମରେ ପିଲା ବିକ୍ରୀ ଅଭିଯୋଗ ଆସିଥିଲା। ଝାଡଖଣ୍ଡ ସିଆଇଡି ବିଭାଗ ପକ୍ଷରୁ ମିସନାରୀଜ୍ ଅଫ ଚ୍ୟାରିଟୀ ସମେତ ଅନ୍ୟ ବିଦେଶୀ ଅନୁଦାନ ପ୍ରାପ୍ତ ଏନ୍‌ଜିଓଙ୍କ ଏଫ୍‌ସିଆରଏ ଆଇନ ଉଲ୍ଲଙ୍ଘନ ଅନୁସନ୍ଧାନ ସିବିଆଇ ଦ୍ୱାରା କରାଯିବାକୁ ସୁପାରିଶ କରାଯାଇଥିଲା। ଗତ ୧୪ ଡିସେମ୍ବର ୨୦୨୧ରେ ଗୁଜରାଟର ବଡୋଦରା ଜିଲ୍ଲାର ମକରପୁରା ପୋଲିସ ଥାନାରେ ମିସନାରୀଜ ଅଫ୍ ଚ୍ୟାରିଟୀ ବିରୋଧରେ ହିନ୍ଦୁ ଯୁବତୀମାନଙ୍କୁ ଅର୍ଥଲୋଭ ଦେଖାଇ ଧର୍ମାନ୍ତରିତ ଉଦ୍ୟମ କରାଯାଉଥିବା ଅଭିଯୋଗ ଆସିଥିଲା।

ମିସନାରୀଜଗୁଡ଼ିକର ପ୍ରଚାରଦ୍ୱାରା ଖ୍ରୀଷ୍ଟିଆନମାନେ ହିନ୍ଦୁ ଦେବାଦେବୀ ମନ୍ଦିରକୁ ଅପବିତ୍ର କଲାପରି ଘଟଣା ୨୭ ଡିସେମ୍ବର ୨୦୨୧ରେ କର୍ଣ୍ଣାଟକର ଦକ୍ଷିଣ ମାଙ୍ଗାଲୁରୁ ଅନ୍ତର୍ଗତ କୋରାଇନା କାଟେ ମନ୍ଦିରରେ ଦେଖାଯାଇଛି। ୬୨ବର୍ଷୀୟ ଖ୍ରୀଷ୍ଟିଆନ ବ୍ୟକ୍ତି ଦେବଦାସ ଦେଶାଇ (ପି-ଜନ୍ ଦେଖାଇ) ଏକ ବର୍ଷ ହେବ ରାତିରେ ଭିନ୍ନ ଭିନ୍ନ ହିନ୍ଦୁମନ୍ଦିରର ଦାନପାତ୍ରରେ ବୁଲି ବୁଲି ବ୍ୟବହୃତ କଣ୍ଡୋମମାନ ପକାଉଥିଲା। ୨୭ଡିସେମ୍ବର ରାତିରେ ସମାନ ଢଙ୍ଗରେ ମନ୍ଦିର ଦାନପାତ୍ରରେ କଣ୍ଡୋମ ପକାଉଥିବାର ସିସିଟିଭି ଫୁଟେଜକୁ ମନ୍ଦିର କର୍ତ୍ତୃପକ୍ଷ ପୁଲିସକୁ ଦେଇ ଅଭିଯୋଗ କରିଥିଲେ। ହୁବୁଳିର ଉନ୍‌କଲ ବାସିନ୍ଦା ଏହି ଅଭିଯୁକ୍ତକୁ ପୁଲିସ ଗିରଫ କଲାପରେ ସେ ପୂର୍ବରୁ ଏହିପରି କଣ୍ଡୋମ ପକାଇଥିବାର ଦୋଷକୁ ସ୍ୱୀକାର କରିଥିଲା। ଚଳିତବର୍ଷ ଜାନୁଆରୀ ମାସରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ଏବଂ ତାଙ୍କ ପୁତ୍ର ବିଜୟେନ୍ଦ୍ରଙ୍କ ପୋଷ୍ଟରକୁ କଦର୍ଯ୍ୟ କରିବା ସହ ଏକ କଣ୍ଡୋମ ମଧ୍ୟ ମାଙ୍ଗାଲୋରର ଉଲାଲ ନିକଟସ୍ଥ କୋରାଗଜ୍ଜା ଗୁଳିଗଜ୍ଜା ଦେବସ୍ଥାନରେ ପକାଇଥିଲା। ପୋଲିସ ନିକଟରେ ସେ ଏହାର କାରଣ ସ୍ୱରୂପ ମିସନାରୀଜଙ୍କ ଭୁଲ ପ୍ରଚାରରେ ପ୍ରଭାବିତ ହୋଇଥିବା ଉଲ୍ଲେଖ କରିଛି।

ଏସବୁ ଦୃଷ୍ଟିରୁ ମିସନାରୀଜ ଅଫ୍ ଚ୍ୟାରିଟୀ ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାର ସୁବିଧାକୁ ଦୁରୁପଯୋଗ କରି ବିଦେଶୀ ଅର୍ଥରେ ଯେଉଁ ଦେଶ ଭଙ୍ଗା କାର୍ଯ୍ୟ ଜାରି ରଖିଛି ସେ ନେଇ ଅଧିକ ଅନୁସନ୍ଧାନ କରାଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ହେବା ବାଞ୍ଛନୀୟ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*





# ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରାର ସ୍ମାରକୀ ସଭା



କେନ୍ଦ୍ରାପଡା (ପିଏନ୍): ୧୯୩୪ ମସିହା ମେ ମାସ ୨୭ ରୁ ୨୯ ତାରିଖ ୩ଦିନଧରି ଜାତିର ପିତା ମହାତ୍ମା ଗାନ୍ଧୀ ସ୍ଥାନୀୟ ଗରାପୁର ଡାକବଙ୍ଗଳା ଠାରେ ହରିଜନ ପଦଯାତ୍ରରେ ଆସି ଅବସ୍ଥାନ କରିଥିଲେ। ଏହି ଯାତ୍ରା ସମୟରେ ଗାନ୍ଧିଜୀ ଚାନ୍ଦୋଳର ସଲାର ମଠ ଠାରେ ୨୬ ତାରିଖ ଦିନ ଖୋଲା ପଡିଆରେ ରାତ୍ରରେ ରହି ତା ପରଦିନ ବାଲିଆ, ତିନିମୁହାଣୀ ଆଦି ସ୍ଥାନରେ ସଭା କରିଥିଲେ। ୩୦ ତାରିଖ ଦିନ ବାରିମୂଳ ଗାନ୍ଧୀ ପଡିଆ ଠାରେ ସଭା କରିବା ପରେ ଇନ୍ଦୁପୁରର ଧୂମାତ ଠାରେ ଭକ୍ତବିଳାସ ମଠରେ ହରିଜନମାନଙ୍କୁ ମନ୍ଦିର ପ୍ରବେଶ କରାଇ ଛୁଆଁ ଅଛୁଆଁ ଜାତି ଭେଦକ ଦୂର କରିଥିଲେ। ଉକ୍ତ ଐତିହାସିକ ଦିନକୁ ସବୁଦିନ ମନେ ପକାଇବାକୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ଓ ଉତ୍ତର ଦାୟଦ ସଂଗଠନ ଗରାପୁର ଡାକବଙ୍ଗଳା ଠାରେ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଭାପତି ବିଦ୍ୟାଧର ମୁଦୁଲିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା କମିଟିର ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ଅନୁଷ୍ଠାନ କିପରି ସବୁଦିନ ବଞ୍ଚି ରହିବ ଓ ଉତ୍ତର ପିଢିଙ୍କୁ ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରିବା ପାଇଁ ଉତ୍ତର ଦାୟଦମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି କେନ୍ଦ୍ରାପଡା ବିକାଶ ସାମୁଖ୍ୟର ସମ୍ପାଦକ ଅଜୟ ସାମଲ ଆଗାମୀ ଦିନରେ ସମସ୍ତେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନନୀୟ ଅତିଥି ବିପିନ ବିହାରୀ ବାରିକ, ଦାୟଦ ସଂଘର ସଭାପତି କୁଳମଣୀ ରାଉତ, ପରିବେଶବିତ୍ ତଥା ସମାଜସେବୀ ନିକିରାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେହେରା ବକ୍ତବ୍ୟ ରଖିଥିଲେ। ସ୍ୱାଧୀନତା ସଂଗ୍ରାମୀ ସମିତିର ସମ୍ପାଦକ ଗୋପାଳ କୃଷ୍ଣ ଜେନା ସମ୍ପାଦକୀୟ କ୍ରମରେ ୩ଟି ପ୍ରସ୍ତାବ ରଖିଥିଲେ। ସେଗୁଡିକ ହେଲା ଡାକବଙ୍ଗଳା ଛକକୁ ଗାନ୍ଧୀଛକ ଘୋଷଣ, ଗୁଳନଗରଠାରୁ ଇନ୍ଦୁପୁର ରାସ୍ତାର ନାମ ଗାନ୍ଧୀମାର୍ଗ ଓ ପ୍ରତିବର୍ଷ ମେ ମାସ ୨୮ ତାରିଖକୁ ପଦଯାତ୍ରା ଦିବସ ଭାବେ ସରକାର ପାଳନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦାୟଦ ସଂଘ ସମ୍ପାଦକ ପଦ୍ମନାଭ ଦାସ, ରମଣୀ ରଞ୍ଜନ ରାଉତ, ଆଦିକନ୍ଦ ରାଉଳ, ସୁରେଶ ପଟ୍ଟନାୟକ, ବୈଷ୍ଣବ ଚରଣ ସ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ଅମୂଲ୍ୟ ସାହୁ, ନିରଞ୍ଜନ ସାହୁ, ଅକ୍ଷୟ ରାଉତ, ପ୍ରଦୀପ ଦାସ, ଗଦାଧର ନାୟକ, କୃପାସିନ୍ଧୁ ଦାସ, ସସ୍ମିତା ମିଶ୍ର, କାର୍ତ୍ତିକ ମଣ୍ଡଳ, ବଳରାମ ସାହୁ, ମୁକ୍ତାର ଖାଁ, ବସନ୍ତ ପଲେଇ, ନେତ୍ରାନନ୍ଦ କର ଆଦି ଦାୟାଦମାନେ ଯୋଗ ଦେଇଥିଲେ। ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ।

## ନମୁନା ସଂଗ୍ରହ ପରେ ଘିଅ କାରଖାନା ସିଲ୍

ବାଲେଶ୍ୱର (ପିଏନ୍)- ବାହାନଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ଥିବା ଏକ ଘିଅ ପ୍ରସ୍ତୁତ କାରଖାନାରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯିବା ପରେ ପୁଲିସ ପକ୍ଷରୁ ଉକ୍ତ କାରଖାନାକୁ ସିଲ୍ କରିଦିଆଯାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଓ ପୁଲିସ ମିଳିତ ଭାବରେ ଉକ୍ତ କାରଖାନାରେ ଚଢ଼ଉ କରି ସେଠାରେ ପ୍ରସ୍ତୁତ ହେଉଥିବା ଦୁଇଟି ବ୍ରାଣ୍ଡର ଘିଅ, ଚାହା ଓ ସୋୟାବଡ଼ିର ନମୁନା ସଂଗ୍ରହ କରାଯାଇ କାରଖାନାର କାଗଜ ପତ୍ର ଯାଞ୍ଚ କରାଯାଇଥିଲା। କାରଖାନାରୁ ସଂଗ୍ରହ ହୋଇଥିବା ନମୁନା ଭୁବନେଶ୍ୱରସ୍ଥିତ ନମୁନା ପରୀକ୍ଷାଗାରକୁ ପଠାଯାଇ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାଯାଇଛି। ପୁଲିସ କାରଖାନାକୁ ସିଲ୍ କରିଛି।

## —'ମୁଁ ଶିକ୍ଷାକର୍ମୀ କହୁଛି' ଉନ୍ମୋଚିତ—
# ଶିକ୍ଷୟିତ୍ରୀ ପ୍ରେମଶୀଳା ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା (ପିଏନ୍): ନରଣଗଡ଼ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଖୋର୍ଦ୍ଧାର ବିଭିନ୍ନ ସାହିତ୍ୟ ସଂଗଠନର ସଦସ୍ୟା ଶ୍ରୀମତୀ ପ୍ରେମଶୀଳା ରାଉତରାୟଙ୍କୁ ବିଦ୍ୟାଳୟ ପରିସରରେ ଉଚ୍ଛ୍ୱସିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଳବାଇ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବାନ ଶ୍ରୀଚନ୍ଦନ, ରାଜ୍ୟ ୟୁଜି ମିଇ ସ୍କୁଲ ଶିକ୍ଷକ ସଂଘ ସମ୍ପାଦକ ରବି ଶତପଥୀ, ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ଦେବରାଜ ପ୍ରଧାନ, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, ଭୁବନେଶ୍ୱର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଧୂଶାସନ ବଳବନ୍ତରାୟ, ବିଶ୍ୱ ଜୀବନ ସେବା ସଂଘର ସମ୍ପାଦକ ବୈଦ୍ୟନାଥ ବରାଳ, ସାହିତ୍ୟିକ ରମେଶ ଚନ୍ଦ୍ର ପାତ୍ର, ଓରବରସିଂ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିବାକର ପଟ୍ଟନାୟକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷୟିତ୍ରୀ ତଥା ସିଆରସିସି ଥିଲେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ବାରିକ, ଭାଗିରଥି ପଟ୍ଟନାୟକ, ଅମୀୟ ପରିଡ଼ା, ସରୋଜିନୀ ସାହୁ, ବିକ୍ରମ କେଶରୀ ଚମ୍ପତି, ନଳିନୀ ଦାଶ, ପ୍ରଭାତ କୁମାର ଦାଶ, ରଶ୍ମୀରାଣୀ ଖୁଂଟିଆ, ତମାଳ ଦେଇ, କଳ୍ପନା ବିଧାର ଓ ଗୋବର୍ଦ୍ଧନ ରଣଜିତ୍ ପ୍ରମୁଖ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କର ବହୁମୁଖୀ ଗୁଣାବଳୀ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀମତୀ ରାଉତରାୟଙ୍କର ଏକ ପୁସ୍ତକ 'ମୁଁ ଶିକ୍ଷାକର୍ମୀ କହୁଛି' ଉନ୍ମୋଚିତ ହୋଇଥିଲା। ଶିକ୍ଷକ ଶୁଭ୍ରାଂଶୁ ରଂଜନ ପାଲଟାସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ

ଗୋଳାବନ୍ଧ (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟପଡା ଗ୍ରାମରେ ଶ୍ରୀ ଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ ଗତ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ଭବ୍ୟ କଳସ ଯାତ୍ରା ଓ ଗୀତାଯଜ୍ଞ ସମେତ ନାମ କୀର୍ତ୍ତନ କରାଯାଇଥିଲା। ଏଥିରେ ସର୍ବଶ୍ରୀ କମଳ ଲୋଚନ ପଣ୍ଡା, ସୁଜିତ କୁମାର ପଣ୍ଡା, ଦେବବ୍ରତ ପଣ୍ଡା, ଅଭିଜିତ ପଣ୍ଡା ପ୍ରମୁଖ ପୂଜାପାଠ ଓ ଗୀତା ପାଠ କରିଥିଲେ। କର୍ତ୍ତା ଓ କର୍ତ୍ତ୍ରୀ ଭାବେ ନାରଦ ନାୟକ ଓ ତାଙ୍କର ସହଧର୍ମିଣୀ ରଶ୍ମିତା ନାୟକ ଦାୟିତ୍ୱ ତୁଲାଇ ଥିଲେ। ଆଖପାଖରୁ ଅନେକ ଭାଗବତ ପ୍ରେମୀ ଓ ଶ୍ରଦ୍ଧାଳୁମାନେ ଏଥିରେ ଯୋଗଦେଇ ଠାକୁରଙ୍କ ଅମୃତବାଣୀ ଶ୍ରବଣ କରିଥିଲେ। ଭାଗବତ ଟୁଙ୍ଗୀର ତତ୍ତ୍ୱାବଧାରକ କାର୍ଯ୍ୟକ୍ରମର ପ୍ରମୁଖ ଜୟଦେବ ପଣ୍ଡା ସମସ୍ତ ଦାୟିତ୍ୱକୁ ସଠିକ୍ ଭାବେ ତଦାରଖ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ଜୁନ୍ ୦୨

# ମଣିଷର ଚେତନା ଶକ୍ତିକୁ ଜାଗ୍ରତ କରିଥାଏ ମନ



ମଣିଷର ଯାହା ଆବଶ୍ୟକ, ତାହା ହେଲା ଏକ ସର୍ବୋଚ୍ଚ ଶକ୍ତିରେ ବିଶ୍ୱାସ । ଯେଉଁ ଶକ୍ତିର ଅଧୀନରେ ସମଗ୍ର ବିଶ୍ୱ ରହିଛି, ଯାହା ମନ ଓ ଇନ୍ଦ୍ରିୟର ଅଧୀନ ନୁହେଁ ଓ ଯାହା ବୁଦ୍ଧିକୁ ମଧ୍ୟ ପରିଚାଳିତ କରିଥାଏ । ସେହି ବିଶ୍ୱ ଶକ୍ତିରେ ବିଶ୍ୱାସ ତଥା ତାକୁ ଜାଣିବା ଲାଗି ଧ୍ୟାନ ହିଁ ଆମକୁ ଆତ୍ମ-ଜ୍ଞାନ, ଏକତା, ଶାନ୍ତି ତଥା ସମନ୍ୱୟ ପ୍ରାପ୍ତି କରିବାରେ ସାହାଯ୍ୟ କରିଥାଏ । ଆମ ବୁଦ୍ଧିକୁ ସକ୍ରିୟ କରିପାରୁଥିବା ସେହି ଶକ୍ତିର ଉତ୍ସକୁ ଆମେ ଖୋଜିବା ଦରକାର । ସେହି ଶକ୍ତି ଆମ ଭିତରେ ହିଁ ଲୁଚି ରହିଛି । ଯାହା ଆମ ଅସ୍ତିତ୍ୱର ଗହନ ତତ୍ତ୍ୱ । ଆମେ ନିଜ ଅସ୍ତିତ୍ୱକୁ ଅସ୍ୱୀକାର କରିପାରିବା ନାହିଁ । ବିଶ୍ୱର ଅସ୍ତିତ୍ୱ, ପ୍ରକୃତିର ପ୍ରତ୍ୟେକ ବସ୍ତୁର ଅସ୍ତିତ୍ୱକୁ ଅସ୍ୱୀକାର କରାଯାଇ ନ ପାରେ । ମୁଁ ଅଛି ଏହା ଏକ ସ୍ୱୟଂ ପ୍ରକାଶ୍ୟମାନ ସତ୍ୟ । ଇଶ୍ୱରଙ୍କୁ ଆସ୍ଥା ରୂପେ ଆମେ ହୁଏତ ଅସ୍ୱୀକାର କରିପାରୁ; କିନ୍ତୁ ଅସ୍ତିତ୍ୱକୁ କେବେ ଅସ୍ୱୀକାର କରାଯାଇ ନ ପାରେ । ଏହି ଅସ୍ତିତ୍ୱ, ଏହି ଶକ୍ତି ହିଁ ଈଶ୍ୱର । ସେ ଆମ ସମସ୍ତଙ୍କ ହୃଦୟ ଭିତର ଦେଇ ସ୍ପନ୍ଦିତ ହୁଅନ୍ତି ।

ଗୋଟିଏ ଗାଆଁରେ ଜଣେ ମହାତ୍ମାଙ୍କ ସୁନ୍ଦର ମୂର୍ତ୍ତିଟିଏ ଥିଲା । ମୂର୍ତ୍ତିଟିର ହାତ ଦୁଇଟି ତା' ଆଗରେ ମେଲିହୋଇ ରହିଥାଏ ଏବଂ ତଳେ ଲେଖାଥାଏ ମୋ' ବାହୁଛାୟା ତଳକୁ ଆସ । ଦିନେ ଗାଆଁରେ ଭୀଷଣ ଦଙ୍ଗା ହେଲା । ଲୋକେ ମୂର୍ତ୍ତି ଉପରେ ବି ଆକ୍ରମଣ କରିବା ଫଳରେ ମୂର୍ତ୍ତିର ହାତ ଦୁଇଟି ଭାଙ୍ଗି ଯାଇଥିଲା । ଗାଁର ଲୋକମାନେ ମୂର୍ତ୍ତିଟିକୁ ଭାରି ଭଲ ପାଉଥିଲେ ଓ ତାହା ଖଣ୍ଡିଆ ହୋଇଯିବାରୁ ଭାରି ମନଦୁଃଖ କଲେ । ସେମାନେ ଏକାଠି ମିଶି ନିଶ୍ଚୟ କଲେ ଯେ ମୂର୍ତ୍ତିର ନୂଆ ହାତ ତିଆରି କରାଯିବ । କିନ୍ତୁ ସେତେବେଳେ ଜଣେ ବୃଦ୍ଧ ବ୍ୟକ୍ତି ଠିଆହୋଇ କହିଲେ ନା, ମୂର୍ତ୍ତିର ନୂଆ ହାତ ତିଆରି କରିବା କଥା ଆଦୌ ଚିନ୍ତା କରିବା ଦରକାର ନାହିଁ । ମାତ୍ର ଗାଁ ଲୋକ କହିଲେ ଯା' ତଳେ ତ' ଲେଖାହୋଇଛି ମୋ' ବାହୁଛାୟା ତଳକୁ ଆସ । ମାତ୍ର ବୃଦ୍ଧ ଜଣକ କହିଲେ ବାହୁଛାୟା ତଳକୁ ଲେଖା ତଳକୁ ପୁଣି ଲେଖିଦିଅ, ''କିନ୍ତୁ ମୋ' ପାଖେ ତୁମ ସମସ୍ତଙ୍କ ହାତ ଛଡା ଅଲଗା ନିଜ ହାତ ନାହିଁ । ଈଶ୍ୱର ସଦାସର୍ବଦା ଆମକୁ ଏୟାହିଁ ଶିଖାଇଥା'ନ୍ତି ।'' ଏକ ଜନ୍ମିତ ପିଲାକୁ ତା'ର ବାପା, ମା', ଭାଇ, ବନ୍ଧୁ, ସମାଜ ଯେଉଁ ରୀତିନୀତି ଚାଲିଚଳନ ଶିକ୍ଷା ଦେଇଥା'ନ୍ତି, ସରଳ ଶିଶୁଟି ତାହାହିଁ ନିଜ ଜୀବନରେ ଶିକ୍ଷା କରିଥାଏ । ମାତ୍ର ଆମେ ପିଲାଟିକୁ ସମସ୍ତ ଶିକ୍ଷା ଦେଉଥିଲା ବେଳେ ଆତ୍ମାର ଅନନ୍ତ ଶକ୍ତି ବିଷୟରେ ଶିକ୍ଷା ଦେଇ ନ ଥାଉ । କେବଳ ମଣିଷ ହିଁ ନିଜ ବ୍ୟକ୍ତିତ୍ୱ ବିଷୟରେ ସଚେତନ ଥାଏ । ଗାଇଟିଏ କେବେ ଭାବେନାହିଁ ଯେ ସେ ଗୋଟିଏ ଭାରତୀୟ ଗାଇ ବା ଆମେରିକାର ଗାଇ, ଗୋରୀ ବା କାଳୀ ଗାଇ, ଦେଶୀ ବା ଜର୍ସି ଇତ୍ୟାଦି । କେବଳ ମଣିଷ ହିଁ ଏପରି ଭାବିଥାଏ । ଏ ବିଶ୍ୱ ଏକ, ଅନେକ ନୁହେଁ, ମନୁଷ୍ୟ ତଥା ତା'ର କ୍ରିୟାକଳାପ ହିଁ ବିଶ୍ୱର ସମନ୍ୱୟତାରେ ଲୟଭଙ୍ଗ କରିବାର ପ୍ରୟାସ କରିଛି । ଏ ସୃଷ୍ଟିର ମୂଳ ଶକ୍ତି ନିଜେ ଏହାର ସ୍ଥିତି ଓ ଲୟ କାରକ । କୌଣସି ଗୋଟିଏ ଜାଗାରେ ଭଲ କଥାଟିଏ ଘଟିଲେ ତା'ର ତରଙ୍ଗ ସାରା ବିଶ୍ୱରେ ଖେଳିଯାଇଥାଏ । ମନ୍ଦ କାମଟିଏ ଘଟିଲେ ତା'ର ପ୍ରତିଫଳନ ମଧ୍ୟ ଠିକ୍ ସେହିପରି ବିଶ୍ୱବ୍ୟାପୀ ଖେଳିଯାଇଥାଏ ।

ଆମ ଶରୀରରେ ଯେଉଁ ଚେତନାର ହୃତ୍‌ସ୍ପନ୍ଦନ ଥାଏ, ତାହାହିଁ ବୃକ୍ଷ, ଲତାରେ ମଧ୍ୟ ଥାଏ । ଯେଉଁ ଶକ୍ତି ଆମକୁ କଥାବାର୍ତ୍ତା କରିବାକୁ ଓ ଗୀତ ଗାଇବାକୁ ଶକ୍ତି ଦେଇଥାଏ, ସେଇ ଶକ୍ତି ଗାଈ, ଚଢେଇ ଓ ପଶୁକୁ ଗର୍ଜିବା ଲାଗି ମଧ୍ୟ ଶକ୍ତି ଦେଇଥାଏ । ପବନ ବହିବା ଲାଗି, ନଦୀର ପ୍ରବାହ ଲାଗି, ସୂର୍ଯ୍ୟ ଓ ଚନ୍ଦ୍ରକୁ କିରଣ ଦେବାଲାଗି ମଧ୍ୟ ଶକ୍ତି ଦେଇଥାଏ । ଏହି ଶକ୍ତି ମଣିଷର ପ୍ରତି ଶିରାପ୍ରଶିରାରେ ମଧ୍ୟ ସ୍ପନ୍ଦିତ ହୋଇଥାଏ । ଏହି ବିଚାର ରଖି ମଣିଷ ଯଦି ପ୍ରଗତି କଥା ବିଚାର କରେ, ତେବେ ସଂଦେହ ହେବ ଯେ ସତରେ କ'ଣ ମଣିଷ ପ୍ରଗତି କରୁଛି ? ଆଜି ଆମେ ଯେଉଁ ବିକାଶ ଦେଖୁଛୁ, ତାହା ସାମଗ୍ରିକ ନୁହେଁ, କେବଳ କେତୋଟି ଅଙ୍ଗର ହିଁ ବିକାଶ । ଆମ ଶରୀର ଏକ ପୂର୍ଣ୍ଣ ଏକକ । ତା'ର ବିକାଶରେ ପୂରା ଶରୀରର ବିକାଶ ହୋଇଥାଏ । ଯଦି କେବଳ ମୁଣ୍ଡଟି ବଡ ହୋଇଚାଲେ ଓ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ଆଦୌ ନ ବଢେ, ତେବେ ଆମେ ତାକୁ ଏକ ବିକଳାଙ୍ଗ ବା କୁରୂପ ବୋଲି କହିଥାଉ । ଏହି କଥାଟି ମଣିଷର ଶରୀର ପାଇଁ ମଧ୍ୟ ଲାଗୁ ହୋଇଥାଏ । ଆମ ଶରୀର ପରି ପୃଥିବୀ ମଧ୍ୟ ଏକ ଏକକ । ବିଭିନ୍ନ ରାଷ୍ଟ୍ର ତା'ର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ । କିନ୍ତୁ ଆଜି ସବୁ ଦେଶ କେବଳ ନିଜ ନିଜ ଉନ୍ନତିରେ ଲାଗିଛନ୍ତି । ଯଦି ପ୍ରତି ଦେଶ ଏକ ଅଙ୍ଗ ହୁଏ ଓ ତାହା ସମଗ୍ର ବସୁଧାର ଅଙ୍ଗବିଶେଷ ଭାବେ ପରିଗଣିତ ହୁଏ, ତେବେ କେବଳ ଗୋଟିଏ ଦେଶର ପ୍ରଗତିକୁ ଆମେ ସମ୍ପୂର୍ଣ୍ଣ ବିକାଶ ବୋଲି କିପରି କହିପାରିବା ! ଗପଟିଏ ମନେପଡେ । ଗୋଟିଏ ଲୋକକୁ ଏକାସଙ୍ଗରେ ଦୁଇଟି ରୋଗ ହୋଇଥିଲା । ଡାକ୍ତର ତାକୁ ତା'ର ଆଖିରୋଗ ପାଇଁ ଗୋଟିଏ ଔଷଧ ଓ ପେଟରୋଗ ପାଇଁ ଅନ୍ୟ ଔଷଧ ଦେଇଥିଲେ । ଘରକୁ ଆସି ରୋଗୀଟି ଆଖି ଔଷଧରୁ ଦୁଇପାନେ ଖାଇଥିଲା ଓ ପେଟ ଔଷଧକୁ ଆଖିରେ ପକାଇଥିଲା । ଫଳରେ ଦୁଇଟିଯାକ ରୋଗ ବଢି ଯାଇଥିଲା । ଆଜିର ସମାଜରେ ଆମେ ମଧ୍ୟ କଥାକୁ ସଠିକ୍ ଭାବେ ନବୁଝି ନିଜର ବିବେକକୁ ବିଚାର ନକରି ଭୁଲ କରିଚାଲିଛୁ । ତେଣୁ ଆମର ଜୀବନଯାପନ ଓ ଚିନ୍ତାଧାରା ସବୁକିଛି ଆଜି ଗୋଳମାଳିଆ ଅବସ୍ଥାରେ ପହଞ୍ଚିଛି । ଅସଲରେ ଆମ ଭିତରେ ଥିବା ଚେତନା ଶକ୍ତିର ବିକାଶକୁ ହିଁ ମହତ୍ତ୍ୱ ଦେବା ଉଚିତ୍ । ଗୋଟିଏ ମଣିଷର ମନର ଖଣ୍ଡିତ ଅବସ୍ଥା ପୂରା ପରିବାରରେ ବିଭାଜିତ ପାଇଁ ଦାୟୀ ହୋଇଥାଏ । ଆଜି ତା'ର ପ୍ରତିଫଳନ ସମାଜ, ରାଷ୍ଟ୍ର ଏବଂ ସମଗ୍ର ପୃଥିବୀ ଉପରେ ପଡିଛି । ସମଗ୍ର ମାନବଜାତି ଆଜି ବିଭାଜିତ ଓ ବିଖଣ୍ଡିତ । ଆଜି ମଣିଷ ମନର ସ୍ୱାର୍ଥପରତା ଓ ବିବେକଶୂନ୍ୟତା ଯୋଗୁ ପ୍ରକୃତିର ସମନ୍ୱୟ ନଷ୍ଟ ହୋଇଯାଉଛି । ସମସ୍ତ ଜୀବଙ୍କ ଭିତରେ ସ୍ଫୁରିତ ହେଉଥିବା ଚେତନାର ଏକହିଁ ତାଳ ଏକହିଁ ଶ୍ରୁତି । ମଣିଷର ହୃଦୟ ଭିତରେ ଏହି ଚେତନା ଶକ୍ତି ଜାଗ୍ରତ କରିବାରେ ମନ ହିଁ ଶ୍ରେଷ୍ଠ ମାର୍ଗ ।

**ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨**

## ଆଜିର ଅନୁଚିନ୍ତା

ଶରୀର ନଶ୍ୱର ହେଲେ ମଧ ଦିବ୍ୟଜ୍ଞାନର ସାଧନ ହେତୁ ସମ୍ପୂର୍ଣ୍ଣ ତ୍ୟଜ୍ୟ ନୁହେଁ ।

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ପ୍ରଜ୍ଞାପୁରୁଷ ଡକ୍ଟର ପ୍ରାଣକୃଷ୍ଣ ପରିଜା

**ହିମାଂଶୁଶେଖର ଆଚାର୍ଯ୍ୟ**



ଡକ୍ଟର ପ୍ରାଣକୃଷ୍ଣ ପରିଜା ଥିଲେ ଅସାଧାରଣ ପ୍ରତିଭାର ଅଧିକାରୀ । ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ତାଙ୍କର ଥିଲା ଯେତିକି ରୁଚି, ଅଧ୍ୟାପନା, ରାଜନୀତି ଓ ସାମାଜିକ ଜୀବନରେ ମଧ ଥିଲା ସେତିକି ଅନୁରକ୍ତି । ଆଧୁନିକ ଓଡିଶାର ସମସ୍ତ କ୍ଷେତ୍ରରେ ସେ ଛାଡି ଯାଇଛନ୍ତି ଅଲିଭା ସ୍ୱାକ୍ଷର । ଖାଲି ସେତିକି ନୁହେଁ, ନିଜର କୃତି ଓ କୀର୍ତ୍ତି ବଳରେ ସେ କେବଳ ଆମ ଦେଶ ନୁହେଁ, ସମଗ୍ର ବିଶ୍ୱରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି । ପ୍ରକୃତରେ କହିବାକୁ ଗଲେ ଆଜି ଯେଉଁମାନେ ଓଡିଶାରେ ବିଶିଷ୍ଟ କବି, ଲେଖକ, ପ୍ରାବନ୍ଧିକ, ସମାଲୋଚକ, ପ୍ରଶାସକ, ରାଜନେତା ଓ ବୈଜ୍ଞାନିକ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ତାଙ୍କ ଛାତ୍ର । ଏକାଧାରରେ ସେ ଥିଲେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବୈଜ୍ଞାନିକ, ପ୍ରବୀଣ ଶିକ୍ଷାବିତ୍, ଦକ୍ଷ ପ୍ରଶାସକ, ସୁସାହିତ୍ୟିକ ଓ ସର୍ବୋପରି ଜଣେ ଆଦର୍ଶ ଜନନାୟକ ।

ଏହି ଯୋଗଜନ୍ମା ବରପୁତ୍ର ୧୮୯୧ ମସିହା ଏପ୍ରିଲ ଏକ ତାରିଖରେ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ବାଲିକୁଦା ବ୍ଲକର ଇଚ୍ଛାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ବିଶ୍ୱନାଥ ପରିଜା ଓ ମାତାଙ୍କ ନାମ ଜୟନ୍ତୀ ଦେବୀ । ବାଲ୍ୟକାଳରୁ ପରିବାରର ଆର୍ଥିକ ଦୁରବସ୍ଥା ଓ ପ୍ରତିକୂଳ ପରିସ୍ଥିତି ତାଙ୍କ ପ୍ରତିଭାର କଣ୍ଠରୋଧ କରିପାରି ନ ଥିଲା । ନିଜର ମେଧା, ସଂକଳ୍ପ ଓ ବିଦ୍‌ବତ୍ତା ବଳରେ ସେ ଜୀବନର ଶୀର୍ଷତମ ସୋପାନରେ ପହଞ୍ଚିପାରିଥିଲେ । ୧୯୦୪ ମସିହାରେ ମାଇନର ପରୀକ୍ଷାରେ ବାଲିକୁଦା ସ୍କୁଲରୁ ସମଗ୍ର ଓଡ଼ିଶାରେ ପ୍ରଥମ ହେବାପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ । ଏହାପରେ ୧୯୦୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ଏବଂ ରେଭେନ୍ସା କଲେଜରୁ ଆଇ.ଏସ୍‌ସି ପରୀକ୍ଷାରେ ଯଥାକ୍ରମେ ସପ୍ତମ ଓ ପଞ୍ଚମ ସ୍ଥାନ ଲାଭ କରି ବୃତ୍ତି ପାଇ ନିଜର ଅଧ୍ୟୟନ ଅବ୍ୟାହତ ରଖିଥିଲେ । ସେହିପରି କଲିକତାର ପ୍ରେସିଡେନ୍ସି କଲେଜରୁ ବି.ଏସ୍‌ସି ପାଶ୍ ଓ ପରେ କଲିକତା ବିଶ୍ୱବିଦ୍ୟାଳୟରେ ଏମ୍.ଏସ୍‌ସି ପଢ଼ିବା ସମୟରେ ପ୍ରାଣକୃଷ୍ଣ ପରିଜା ବିହାର-ଓଡ଼ିଶା ସରକାରଙ୍କ ତରଫରୁ ରାଷ୍ଟ୍ରୀୟ ବୃତ୍ତିପାଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ।

ଜଣେ ବୈଜ୍ଞାନିକ ଭାବେ ଡକ୍ଟର ପରିଜାଙ୍କ ଦାନ ଅତୁଳନୀୟ । ସାରାଜୀବନ ଉଦ୍ଭିଦ ବିଜ୍ଞାନ ଉପରେ ଗବେଷଣା କରି ସେ ଯେଉଁ ନୂତନ ତଥ୍ୟ ଦେଇଯାଇଛନ୍ତି ତାହା ବହୁ ବିଜ୍ଞାନୀଙ୍କର ଆଖି ଖୋଲି ଦେଇଛି । କେମ୍ବ୍ରିଜରେ ଅଧ୍ୟୟନ କରିବା ସମୟରେ ସେ ଏଫ୍.ଏଫ୍. ବ୍ଲାକମ୍ୟାନ୍‌ଙ୍କ ଅଧୀନରେ ଗବେଷଣା କରି ସେଓର ଶ୍ୱାସକ୍ରିୟା ସଂପର୍କରେ ଯେଉଁ ନିବନ୍ଧ ରଚନା କରିଥିଲେ ତାହା "ପରିଜା-ବ୍ଲାକମ୍ୟାନ"ଥିଓରି ନାମରେ ଖ୍ୟାତ । ଏହି ଗବେଷଣାପ୍ରସୂତ ତଥ୍ୟ ଲଣ୍ଡନର ପ୍ରସିଦ୍ଧ 'ରୟାଲ ସୋସାଇଟି' ପତ୍ରିକାରେ ପ୍ରକାଶିତ ହେଲାପରେ ପ୍ରାଣକୃଷ୍ଣ ପରିଜାଙ୍କ ଖ୍ୟାତି ସମଗ୍ର ବିଶ୍ୱରେ ବ୍ୟାପି ଯାଇଥିଲା । ଉଦ୍ଭିଦର ଶ୍ୱାସକ୍ରିୟା ସମ୍ବନ୍ଧୀୟ ଏହି ମୌଳିକ ତଥ୍ୟ ଭାରତ ସମେତ ପୃଥିବୀର ବହୁ ପାଠ୍ୟପୁସ୍ତକରେ ପ୍ରକାଶିତ ହୋଇଅଛି । ଏଥିସହିତ ପରିଜା ସାହେବ ବିଲାତି ଦଳ ଉପରେ ଗବେଷଣା କରିଛନ୍ତି । ସେହିପରି ବିଭିନ୍ନ ଉଦ୍ଭିଦ କିଭଳି ଭାବରେ ମାଧ୍ୟାକର୍ଷଣ ଶକ୍ତି, ଆଲୋକ, ଉତ୍ତାପ ଓ ଜଳୀୟ ବାଷ୍ପ ପ୍ରଭୃତି ବାହ୍ୟଶକ୍ତି ଦ୍ୱାରା ପ୍ରଭାବିତ ହୁଅନ୍ତି ସେ ବିଷୟରେ ମଧ୍ୟ ଗବେଷଣା କରିଛନ୍ତି ପ୍ରାଣକୃଷ୍ଣ ପରିଜା ।



ଜଣେ ସୁନାମଧନ୍ୟ ଅଧ୍ୟାପକ ଓ ଦକ୍ଷ ପ୍ରଶାସକ ରୂପେ ଡକ୍ଟର ପରିଜା ନିଜ ପାଇଁ ଏକ ନିଆରା ପରିଚୟ ସୃଷ୍ଟି କରିଥିଲେ । ୧୯୨୧ ମସିହାରେ ଇଂଲଣ୍ଡରେ ଭାରତୀୟ ଶିକ୍ଷାସେବା (ଆଇ.ଇ.ଏସ୍)ରେ ନିଯୁକ୍ତି ପାଇ ସେତେବେଳର ରେଭେନ୍ସା କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଭାବରେ ଅବସ୍ଥାପିତ ହେଲେ ପ୍ରାଣକୃଷ୍ଣ । ପରାଧୀନ ଭାରତବର୍ଷରେ ୧୯୩୮ ମସିହାରେ ରେଭେନ୍ସା କଲେଜର ଅଧକ୍ଷ ପଦ ଅଳଙ୍କୃତ କରି ୧୯୪୩ ପର୍ଯ୍ୟନ୍ତ ସେହି ପଦବୀରେ ରହି ନିଜ କାର୍ଯ୍ୟକୁଶଳତାର ପ୍ରମାଣ ଦେଇଥିଲେ । ସେତେବେଳେ ଜଣେ ଓଡ଼ିଆ ପୁଅ ଏପରି ପଦବୀ ପାଇବା କମ୍ ଗୌରବର କଥା ନଥିଲା । ଏହାପରେ ୧୯୪୪ ମସିହାରୁ ୧୯୪୮ ମସିହା ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଓ ପରେ ୧୯୫୧, ୧୯୫୫ ଏବଂ ୧୯୬୧ ମସିହାରେ ଏହିପରି ସର୍ବମୋଟ ଚାରିଥର କୁଳପତି ହେବାର ସୌଭାଗ୍ୟ ଲାଭ କରିଥିଲେ ସେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଉପ-କୁଳପତି ଦାୟିତ୍ୱ ବହନ କରିବା ତାଙ୍କ ପାରିବାପଣିଆର ଆଉ ଏକ ନମୁନା ଥିଲା । ଏଥିସହିତ ଜାତୀୟ ବିଜ୍ଞାନ କଂଗ୍ରେସର ସଭାପତି, ଓଡ଼ିଶାର ପ୍ରଥମ କୃଷି ନିର୍ଦ୍ଦେଶକ, ଜାତୀୟ ଭାଷା କମିଶନର ସଦସ୍ୟ, ବିଶ୍ୱବିଦ୍ୟାଳୟ ମଂଜୁରୀ କମିଶନ ସାଧାରଣ ଶିକ୍ଷା କମିଟିର ଅଧକ୍ଷ ଏବଂ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ଅନୁଷ୍ଠାନରେ ଉଚ୍ଚ ପଦବୀରେ ରହି ନିଷ୍ଠା ଓ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ । ଏପରିକି ୧୯୫୨ ମସିହାରେ ବାଲିକୁଦା ନିର୍ବାଚନ ମଣ୍ଡଳୀରୁ ନିର୍ଦ୍ଦଳୀୟ ବିଧାୟକ ରୂପେ ନିର୍ବାଚିତ ହୋଇ ଜନତାର ସେବା କରିବାର ସ୍ୱପ୍ନକୁ ସାକାର କରିଥିଲେ ।

ପ୍ରଫେସର ପରିଜା ଜଣେ ସୁସାହିତ୍ୟିକ ଥିଲେ । ଛାତ୍ରାବସ୍ଥାରେ ସେ ଶିଶୁମାନଙ୍କ ପାଇଁ ଗପ ଓ ପଦ୍ୟ ଲେଖୁଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ନୀଳକଣ୍ଠ ଦାସଙ୍କ ଦ୍ୱାରା ସଂପାଦିତ ନବଭାରତ ପତ୍ରିକାରେ କେତେଗୁଡ଼ିଏ ବିଜ୍ଞାନ ପ୍ରବନ୍ଧ ପ୍ରକାଶ କରିଥିଲେ । ଏଥିସହିତ ସେ ଚିନ୍ତାମଣି ଆଚାର୍ଯ୍ୟଙ୍କ ସଂପାଦନରେ ପ୍ରକାଶିତ ହେଉଥିବା ପିଲାଙ୍କ ପତ୍ରିକା ପଞ୍ଚାମୃତରେ ଖଜୁରୀ ଗଛ ଓ ଛତୁ ପ୍ରଭୃତି ବିଷୟରେ ଲେଖିଥିଲେ । ସେହିପରି ଓଡ଼ିଆ ଭାଷାକୋଷ ପ୍ରଣୟନ ପାଇଁ ଡକ୍ଟର ମାୟାଧର ମାନସିଂହଙ୍କୁ ମୁଖ୍ୟ ସଂକଳକ ରୂପେ ନିଯୁକ୍ତ କରି ଓଡ଼ିଆ ଭାଷାର ଶୁଦ୍ଧ, ନିର୍ଭୁଲ ଓ ଅତ୍ୟାଧୁନିକ ଭାଷାକୋଷ ପ୍ରତିଷ୍ଠାର ପ୍ରଥମ ପଦକ୍ଷେପ ନେଇଥିଲେ ସେ । ଏଥିସହିତ ସମୟାନୁବର୍ତ୍ତିତାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ପ୍ରାଣକୃଷ୍ଣ ପରିଜା । ଅଫିସ୍ କାର୍ଯ୍ୟ, ସଭାସମିତି, ବୈଠକ ଏପରିକି ନିଜର ଦୈନନ୍ଦିନ କାର୍ଯ୍ୟରେ ଡକ୍ଟର ପରିଜା ସର୍ବଦା ସମୟର ସଦୁପଯୋଗ କରୁଥିଲେ । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ।

ଡକ୍ଟର ପରିଜାଙ୍କ ଛାତ୍ରବତ୍ସଳତା ଥିଲା ଅସାଧାରଣ । ବିଶେଷତଃ ଯେଉଁମାନେ ଗରିବ ଘରର ପିଲା କିନ୍ତୁ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ତାଙ୍କର ହୃଦ୍‌ବୋଧ ହୁଏ ସେଥିପାଇଁ ଡକ୍ଟର ପରିଜା ଆପଣାର ଅତୀତ କଥା ସ୍ମରଣ କରି ସେମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିଥା'ନ୍ତି । ବହୁ ଜ୍ଞାନୀ, ଗୁଣୀ, ଲବ୍ଧପ୍ରତିଷ୍ଠ ବ୍ୟକ୍ତି, ପରିଜା ସାହେବଙ୍କର ପ୍ରତ୍ୟକ୍ଷ ସାହାଯ୍ୟରେ ହିଁ ତାଙ୍କର ଛାତ୍ରଜୀବନ ଅତିବାହିତ କରିଛନ୍ତି । ବିଶେଷ କରି ସେ ଛାତ୍ରଛାତ୍ରୀମାନଙ୍କୁ ନିଜର ପୁଅ-ଝିଅ ଓ ନାତି-ନାତୁଣୀ ସଙ୍ଗେ ବ୍ୟବହାର କଲାଭଳି ବ୍ୟବହାର କରୁଥିଲେ । ତାଙ୍କଠାରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅନୁରାଗ, ମହାନୁଭବତା ଓ କର୍ତ୍ତବ୍ୟପରାୟଣତାର ଏକ ଅସରନ୍ତି ଉତ୍ସ ଭରପୂର ହୋଇ ରହିଥିଲା ପରି ମନେହେଉଥିଲା । ଏଥିପାଇଁ ପ୍ରଫେସର ପରିଜା ତାଙ୍କ ଦରମା ଟଙ୍କାରୁ ପ୍ରତି ମାସରେ କିଛି ଟଙ୍କା ଗରିବ, ଅଭାବଗ୍ରସ୍ତ ଅଥଚ ମେଧାବୀ ଛାତ୍ରମାନଙ୍କ ପାଇଁ ଅଲଗା କରି ରଖିଦେଉଥିଲେ । ଏପରି ଗୁରୁ ଆଧୁନିକ ସମାଜରେ ବିରଳ ।

ବିଭିନ୍ନ ବିଭାଗରେ ସାମଗ୍ରିକ କୃତିତ୍ୱ ବିଶେଷତଃ ବିଜ୍ଞାନ କ୍ଷେତ୍ରରେ ପରାକାଷ୍ଠା ପାଇଁ ପ୍ରାଣକୃଷ୍ଣ ପରିଜାଙ୍କୁ ଭାରତ ସରକାର ୧୯୫୫ ମସିହାରେ ପଦ୍ମଭୂଷଣ ଉପାଧି ପ୍ରଦାନ କରି ତାଙ୍କ ପ୍ରତିଭାର ଉପଯୁକ୍ତ ମୂଲ୍ୟାୟନ କରିଥିଲେ । ଏହାପୂର୍ବରୁ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଡକ୍ଟରେଟ୍ ସମ୍ମାନ ଲାଭ କରିଥିଲେ । ଜଣେ ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀ ଭାବେ ଅନେକ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡି.ଏସ୍‌ସି ଉପାଧି ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ଭାରତୀୟ ଉଦ୍ଭିଦ ବିଜ୍ଞାନ ସମିତି ତରଫରୁ ଡକ୍ଟର ପରିଜା ବୀରବଲ ସାହାଣୀ ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିଲେ । ସେହିପରି କଲିକତା ରୟାଲ ଏସିଆଟିକ୍ ସୋସାଇଟି ତାଙ୍କୁ ବର୍କଲେ ମେମୋରିଆଲ ସ୍ୱର୍ଣ୍ଣ ପଦକରେ ସମ୍ବର୍ଦ୍ଧିତ କରିଥିଲେ । ଅଜସ୍ର ଖ୍ୟାତି ଓ ସମ୍ମାନର ଅଧିକାରୀ ହୋଇ ମଧ୍ୟ ଗର୍ବ ଓ ଅହଂକାର ତାଙ୍କୁ ସ୍ପର୍ଶ କରି ନ ଥିଲା । ବାସ୍ତବିକ୍ ସେ ଥିଲେ ଏକ ଫଳନ୍ତି ଜ୍ଞାନବୃକ୍ଷ, ଯିଏକି ଜ୍ଞାନଭାରରେ ନଇଁ ପଡୁଥିଲେ । ଯଥାର୍ଥରେ ସେ ଥିଲେ ପ୍ରଜ୍ଞାପୁରୁଷ ।

୧୯୭୮ ମସିହା ଜୁନ୍ ୦୨ ତାରିଖରେ ଏହି ପ୍ରତିଭାଧରଙ୍କର ମହାପ୍ରୟାଣ ହେଲା । ତାଙ୍କ ବିୟୋଗରେ ଆମ ରାଜ୍ୟ ତଥା ଦେଶର ଶିକ୍ଷା ଓ ବିଜ୍ଞାନ ଜଗତରୁ ଏକ ଦିପ୍ତୀମାନ ନକ୍ଷତ୍ରର ଅବସାନ ହେଲା । ଓଡିଶା ସରକାରଙ୍କ ବିଶେଷାଙ୍କରେ ଉଲ୍ଲେଖ ଥିଲା- "ଓଡିଶାର ଗୌରବୋଜ୍ଜ୍ୱଳ ସନ୍ତାନଙ୍କ ମୃତ୍ୟୁରେ ଓଡ଼ିଶା ସରକାର ଗଭୀର ଦୁଃଖ ପ୍ରକାଶ କରୁଛନ୍ତି ।" ସେହିପରି ଭାରତର ବିଜ୍ଞାନ କଂଗ୍ରେସ ଡକ୍ଟର ପରିଜାଙ୍କ ମୃତ୍ୟୁରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଲେଖିଥିଲା- "ଭାରତର ଅନ୍ୟତମ ଯୁଗସ୍ରଷ୍ଟା, ବିଶିଷ୍ଟ ବୈଜ୍ଞାନିକ ଓ ଶିକ୍ଷାବିତ୍ ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ତିରୋଧାନରେ ଗଭୀର ଶୋକ ପ୍ରକାଶ କରୁଅଛି ।" ଉତ୍ତରପିଢିର ବୈଜ୍ଞାନିକମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ, ଏହାହି ଆଜିର ଅନୁଚିନ୍ତା ।

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ: ୯୯୩୭୧୫୧୦୫୨*

# କୃଷି ବିଜ୍ଞାନ ପାଠ୍ୟକ୍ରମ-ଏକ ବୃହତ୍ତର ସୁଯୋଗ



**ସତେଜ ସକାଳ-୧୨**
**ଡି. ଶୁଭମ୍**

ଶିକ୍ଷା ମଣିଷ ଜୀବନର ଏକ ସ୍ୱତନ୍ତ୍ର ଅନୁଭବ ଯାହା ମୁକ୍ତି ପ୍ରଦାନ କରେ । ଯିଏ ସାରସ୍ୱତ ଜ୍ଞାନର ବିକାଶ କରେ । ଚାକିରୀ ଜୀବନର ସବୁଠୁ ବଡ ଆଶା- ଏହାକୁ ଅସ୍ୱୀକାର କରାଯାଇ ନ ପାରେ । ଟଙ୍କା ହିଁ ମୋହସର୍ବସ୍ୱ ଦୁନିଆର ବ୍ରହ୍ମାସ୍ତ୍ର । ଲୋଭରେ ଲୋଭାନ୍ୱିତ ଆଜିର ଯୁବପିଢ଼ି କେବଳ ଦୁଇ ତିନିଟା ଚାକିରୀ ପଛରେ ଆଜି ମରିଚିକା ପରି ଦୃଶ୍ୟମାନ ହୋଇପଡିଛି । ପିଲାଟିଏ ପରିବାରରୁ ହିଁ ପାଠପଢା ଆରମ୍ଭ କରେ । ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରେ । 'ସା ବିଦ୍ୟା ଯା ବିମୁକ୍ତୟେ'ର ମନ୍ତ୍ରରେ ମନ୍ତ୍ରିତ ହୁଏ । ଯେଉଁ ଶିକ୍ଷା ମଣିଷର ସକଳ ଦ୍ୱାରକୁ ଉନ୍ମୋଚନ କରିଥାଏ । ସେ ଶିକ୍ଷା କ'ଣ ସତରେ ଆଜି ଦେଖାଯାଉଛି ? ଅର୍ଥସର୍ବସ୍ୱ ଶିକ୍ଷାଦାନ ଆଜିର ସମାଜରେ ଏକ ଭିନ୍ନ ମୋଡ ନେଇଛି । ବିଦ୍ୟାଳୟର ଶିକ୍ଷା ସମାପ୍ତ ପରେ ପିଲାଟିଏ କଲେଜ/ମହାବିଦ୍ୟାଳୟରେ ନିଜର ଶିକ୍ଷା ସମାପ୍ତ କରେ । ଆଉ ଏହାପରେ ଆସିଯାଏ ଏକ ବିରାଟ ପ୍ରଶ୍ନବାଚୀ । ପ୍ରଶ୍ନ ଏଇଟା ଆସେ କି ପିଲା ଏହାପରେ କ'ଣ କରିବ ? ଏଇ ପ୍ରଶ୍ନଟି ସହ ଆମ ବୟସର ସବୁ ପିଲାମାନେ ଭଲ ଭାବରେ ଜଡ଼ିତ ।

କିନ୍ତୁ ଏକବିଂଶ ଶତାବ୍ଦୀରେ ଆଜିର ଦିନରେ ଶିକ୍ଷାଲାଭ କରିବା ପାଇଁ ବିଭିନ୍ନ ପ୍ରକାର ବିଭାଗ ଖୋଲିଲାଣି । ପିଲାଟିଏ ଯେକୌଣସି ବିଭାଗରେ ପାଠ ପଢ଼ି ନିଜର ଦକ୍ଷତା ପ୍ରତିପାଦନ କରିପାରୁଛି । ମାଟ୍ରିକ ପାସ୍ କଲାପରେ ଅଭିଭାବକମାନେ ଚିନ୍ତା କରନ୍ତି ପିଲା ଡାକ୍ତର ହେବ ନହେଲେ ଆଇ.ଆଇ.ଟି. ଇଂଜିନିୟର ହେବ । କିନ୍ତୁ ଏସବୁ ଭିତରେ ଗୋଟେ କଥା ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯଦି ଜଣେ ପିଲା ଡାକ୍ତରୀ ଶିକ୍ଷା ପଢିବାକୁ ଅସମର୍ଥ, ଜଣେ ଯଦି ସଙ୍ଗୀତ କି ନାଚ୍ କ୍ଷେତ୍ରରେ ପାରଙ୍ଗମ, ଜଣେ ଯଦି କୃଷି ଶିକ୍ଷା ପାଇଁ ଇଚ୍ଛୁକ, ତେବେ ଏଥିପାଇଁ ପ୍ରତିରୋଧ କରାଯିବା କ'ଣ ଠିକ୍ ? ଅଭିଭାବକଙ୍କ ମତକୁ ସମ୍ମାନ ଦେବା ପାଇଁ ପିଲାଟିର ଅନିଚ୍ଛା ସତ୍ତ୍ୱେ ସେ ନିଜକୁ ଡାକ୍ତର କି ଇଂଜିନିୟର ପାଇଁ ପ୍ରସ୍ତୁତ କରେ । ହେଲେ ଅଭିଭାବକଙ୍କୁ ଏହା ଜଣା ନଥାଏ ଯେ ପିଲାଟି ଏହା ଗ୍ରହଣ କରିବାକୁ ସମର୍ଥ କି ନୁହେଁ । ଆଜି ଓଡିଶାର ସବୁ ଜାଗାରେ ମାଳମାଳ କୋଚିଂ ସେଣ୍ଟର, ରାସ୍ତା କଡେକଡେ ପ୍ରସାର ପାଇଁ ବଡ ବଡ ହୋର୍ଡିଂଗ ବୋର୍ଡ଼, ଖବରକାଗଜରେ ରଙ୍ଗୀନ ବିଜ୍ଞାପନ । ହେଲେ ଯେଉଁ ପିଲା ପଢ଼ନ୍ତି ସେ ହିଁ ଜାଣେ, ସେ ଏଥିପାଇଁ ସମର୍ଥ କି ନୁହେଁ । ଏହାପରେ ପିଲାଟି ମନରେ ଏହାକୁ ପାଇବା ପାଇଁ ଏକ ଅସମ୍ଭବ ଆଶା ଜନ୍ମ ନିଏ, ଆଉ ତା'ପରେ ଆରମ୍ଭ ହୋଇଯାଏ କୋଚିଂ ପରେ କୋଚିଂ ବର୍ଷ । ବର୍ଷେ, ଦୁଇବର୍ଷ, ତିନିବର୍ଷ ଏପରିକି ପାଂଚବର୍ଷ ଯାଏଁ କୋଚିଂ ନେବାରେ ବି ହେଳା କରୁନାହାନ୍ତି ଆଜିର ଯୁବ ପିଢ଼ି । ଏସବୁ ପ୍ରାୟ ଅନେକ ପିଲାଙ୍କ ଜୀବନର ଏକ ଅଙ୍ଗେନିଭା ଘଟଣା ।

କହିବା ବାହୁଲ୍ୟ ଯେ କୃଷି ଆମର ମୁଖ୍ୟ ମାନଦଣ୍ଡ । ମୋ' ରାଜ୍ୟ ଓଡ଼ିଶା ଉତ୍ତର ପରିବର୍ଦ୍ଧିତ ସଂସ୍କରଣ, ଆମ ରାଜ୍ୟ କୃଷିକର୍ମଣ ପୁରସ୍କାରରେ ପୁରସ୍କୃତ । ତେବେ ଆଜିକାଲି ଯୁବସମାଜ ହେଉ କି ଅଭିଭାବକ ସଭିଏଁ କୃଷି ପାଠ୍ୟକ୍ରମ ପ୍ରତି ବିମୁଖ, ସମସ୍ତଙ୍କର ଅନାଦର । କୃଷି ଓ କୃଷକର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିବା ସହ କୃଷିର ବିକାଶ କିପରି ଦେଶର ଅର୍ଥନୀତିର ବିକାଶରେ ସାହାଯ୍ୟ କରିପାରିବ, ଏଥିପାଇଁ ଗୁରୁତ୍ୱ ଦେଉଛନ୍ତି । ଓଡ଼ିଶାରେ କୃଷି ବିଶ୍ୱବିଦ୍ୟାଳୟରେ ସମ୍ପ୍ରତି ବିଭିନ୍ନ ବିଭାଗମାନ କାର୍ଯ୍ୟରତ । କ୍ଷେତ୍ର ବିଜ୍ଞାନ, ମୃତ୍ତିକା ବିଜ୍ଞାନ, ବିହନ ବିଜ୍ଞାନ, କୀଟତତ୍ତ୍ୱ ବିଭାଗ ପରି ବିଭିନ୍ନ ବିଭାଗରେ ଆଜି ଯୁବସମାଜ ଅଧ୍ୟୟନ କରି ବିଶିଷ୍ଟ ସ୍ଥାନରେ ଅବସ୍ଥାପିତ । କୃଷି ଯେ ଜଣକୁ ବଞ୍ଚିବାର ରାହା ଯୋଗାଏ, ତା' ପାଇଁ ଏତେ ଅନାଦର କ'ଣ ପାଇଁ ? କୃଷିବିଜ୍ଞାନ କେନ୍ଦ୍ରରେ ଆଜି କୃଷି ଛାତ୍ରଛାତ୍ରୀମାନେ କାର୍ଯ୍ୟରତ । ସେମାନେ କେଉଁ ଗୁଣରେ କମ୍ ? ନା ସେମାନେ ଚାକିରି କରୁନାହାନ୍ତି ନା ସେମାନେ ଅର୍ଥ ଉପାର୍ଜନ କରୁନାହାନ୍ତି ? ତେବେ କହିବା କଥା ଆଜିବି ଲୋକଙ୍କ ମନରେ ସେହି ପାରମ୍ପରିକ ଚିନ୍ତାଧାରା ଏବେବି ରହିଛି ଯେ-ପିଲାଟା କୃଷି ପାଠ୍ୟକ୍ରମ ପଢୁଛି, ଚାଷବାସ କରିବ ତ, ଆଉ ବା କ'ଣ କରିବ ? କଥାଟା ବାଧିଲେ ବି ଏହା ଅପ୍ରିୟ ସତ୍ୟ । ବହୁତ ଦିନ ପରେ ମୋ' କଲମ ବି ବାଧ୍ୟ କଲା ଏହାକୁ ସର୍ବସମ୍ମୁଖରେ ଉନ୍ମୋଚନ କରିବା ପାଇଁ । ଲୋକଙ୍କର ସେହି ଚିନ୍ତାଧାରାରେ ଆଜି ଅଭିଭାବକ ଓ ଯୁବପିଢ଼ି ପ୍ରଭାବିତ । ପରନ୍ତୁ କୃଷି ପାଠ୍ୟକ୍ରମର ବିଭିନ୍ନ ସୁଯୋଗ ସମ୍ପର୍କରେ ଆଜିବି ଅଧିକାଂଶ ଅଜ୍ଞ । ଆଜି କୃଷିକୁ ଆଦରି ଅନେକ ଯୁବଗୋଷ୍ଠୀ ସ୍ୱାବଲମ୍ବୀ । ଗାଁ ଗାଁରେ ଆଜି କୃଷିର ଷ୍ଟାର୍ଟଅପ୍ । ଗାଁ ପୋଖରୀରେ ମଧୁର ଜଳ ମାଛଚାଷ, ଘରେ ଘରେ ପାକଶାଳା ବଗିଚା, ଛାତ ଉପରେ ରୁଫଟପ ଗାର୍ଡେନିଂ ଆଉ ତା' ସହ କୃଷି ଆଜି ଯୁବଗୋଷ୍ଠୀକୁ ସ୍ୱାବଲମ୍ବୀ ଆଉ ରୋଜଗାରର ବାଟ ଦେଖାଇଛି । ବାହାରେ ଦାଦନ ନୁହେଁ ବରଂ ନିଜ ଗାଁ ମାଟିରେ ସୁନା ଫଳାଉଛନ୍ତି ଅନେକ ଲୋକ । ବାସ୍ ଏମାନଙ୍କୁ ଦରକାର ଆଉ ଟିକେ ପ୍ରୋତ୍ସାହନ ଆଉ ସହଯୋଗ । ଏହି ସହଯୋଗ କୃଷି ବିଜ୍ଞାନ ଛାତ୍ରଛାତ୍ରୀ ଅତି ସହଜ ଓ ସରଳ ଉପାୟରେ ଦେଇପାରିବେ ।

୧୯୯୯ର ମହାବାତ୍ୟା ହେଉ, ହୁଦ୍‌ହୁଦ୍, ତିତଲି, ଫନି ପରି ବାତ୍ୟାର ବିଭୀଷିକା ହେଉ କି ଚକଡ଼ା ପୋକର ବିପ୍ଳାତ ହେଉ, ଏସବୁଥିରେ ବେଶ ସୁଦୃଢ଼ ମନୋବଳ ସହ ଚାଷୀ ଏହାକୁ ସାମ୍ନା କରିଛି, ମୁକାବିଲା ବି କରିଛି ଆଉ ଅଣ୍ଟା ସଳଖି ଠିଆ ହୋଇଛି । ଯେଉଁ ବାତ୍ୟା ଦିନେ ଚାଷଜମିକୁ ବିପର୍ଯ୍ୟସ୍ତ କରିଥିଲା, ପୁଣି ସେ କ୍ଷେତରେ ଫରଫର ହେଇ ଧାନ କେଣ୍ଡା ହସିଛି, ପୁଣି ସୋରିଷର ମହମହ ବାସ୍ନା ସାଙ୍ଗକୁ ହଳଦୀର ଆବରଣରେ ପରିବେଶ ବି ମୁଗ୍ଧ ହୋଇଛି । କିନ୍ତୁ ଚାଷୀ କେବେ ବସିନି । ଚାଷୀ ମନଦୁଃଖ କରିଛି, ଅନୁତାପ କରିଛି; କିନ୍ତୁ ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହୋଇନାହିଁ । ସେ ସୃଷ୍ଟି କରିଛି ଆଦର୍ଶ ଓ ବାସ୍ତବତାର ନୂଆ ଏକ ରୂପରେଖ । ସେ କାଦୁଅ ବିଲରେ ପଶେ କିନ୍ତୁ ଶେଷରେ ସୁବର୍ଣ୍ଣର ମାହୋଲ ବି ରଚନା କରିଦିଏ । ଆଉ ଏଇ କରୋନାର ଭୟାବହତା ଆଉ ଡ଼ର ଭିତରେ ସମସ୍ତେ ଆମେ ଘରେ ସୁରକ୍ଷିତ ରହୁଛନ୍ତି ସତ କିନ୍ତୁ ଚାଷୀର ମନ ସେଇ ଚାଷଜମିରେ । ସେ ପରା ତା'ର ମାନସ ସନ୍ତାନ । ଦିହେଁ ଦୁହିଁଙ୍କୁ ଛାଡ଼ି କେମିତି ବି ରହିବେ । ବର୍ଷ ବର୍ଷ ଧରି ଏଇ ଅତୁଟ ସମ୍ପର୍କକୁ ଯିଏ ଛିନ୍ନ କରିପାରିନି, ଏ ଭୟାବହତା କ'ଣ ବା କରିବ ! ଆଜି ବି ଚାଷୀ ଚାଷଜମିରେ ବେଶ ଖୁସିରେ ଚାଷ କରୁଛି । କୃଷି ବିଜ୍ଞାନ ପାଠ୍ୟକ୍ରମ ପଢ଼ି ଚାଷୀକୁଳକୁ ଉପଯୁକ୍ତ ମାର୍ଗଦର୍ଶନ ଦେବାର ସମୟ ଆସିଛି । ଚାଷ ଏକ ଛୋଟ କଥା ନୁହେଁ । ଏହା ମାଟି ସହ ମାଟିର ସମ୍ପର୍କ ।

ସୁତରାଂ ଛାତ୍ରଛାତ୍ରୀମାନେ ଯଦି ନିଜ ଇଚ୍ଛା ଅନୁସାରେ ପାଠ୍ୟକ୍ରମକୁ ଚୟନ କରି ଶିକ୍ଷା ଗ୍ରହଣ କରନ୍ତେ ବୋଧହୁଏ ଭବିଷ୍ୟତରେ ଏହା ସାହାଯ୍ୟ କରିପାରିବ । କୃଷି ପାଠ୍ୟକ୍ରମକୁ ଅନାଦର ନକରି ଏହାର ସୁଯୋଗ ଦିଗରେ ଅନୁଧ୍ୟାନ କରନ୍ତୁ । କୃଷିର ବୃହତ୍ତର ଦିଗକୁ ଖୋଜନ୍ତୁ । ସବୁ ଶିକ୍ଷା ପରି କୃଷି ବିଜ୍ଞାନ ବି ବର୍ତ୍ତମାନ ସମୟରେ ପିଲାମାନଙ୍କ ପାଇଁ ଏକ ବଡ଼ ସୁଯୋଗ । ମନରୁ ପାରମ୍ପରିକ ଚିନ୍ତାକୁ କାଢନ୍ତୁ । ଲୋକଙ୍କ କଥାକୁ ନଶୁଣି ନିଜେ ନିଜ ଲକ୍ଷ୍ୟରେ ରୁହନ୍ତୁ । ଦେଖିବେ ସଫଳତା ନିଶ୍ଚୟ ଆପଣଙ୍କ ପାଦସ୍ପର୍ଶ କରିବ ।

*-କୃଷି ସ୍ନାତକୋତ୍ତର , ମୃତ୍ତିକା ବିଜ୍ଞାନ, ସୋଆ, ଭୁବନେଶ୍ୱର, ମୋ-୯୪୩୮୪୬୭୦୭୯*

# ଦୈବପ୍ରୀତି, ପାପଭୀତି, ସଂଘନୀତି



ଦେହ ହେଉଛି ପୋଷାକ, ଯାହାକୁ ମନ ନିଜର କାର୍ଯ୍ୟ ଓ ବୃଦ୍ଧି ପାଇଁ ଧାରଣ କରିଛି । ଅନେକ ପୂର୍ବଜନ୍ମର ଚିନ୍ତା ଓ ଅନୁଭୂତି ମନ ଉପରେ ଅଙ୍କିତ ହୋଇରହିଛି । ମନ ସତ୍‌ଭାବନାରେ ପରିପୂର୍ଣ୍ଣ ହୋଇଗଲେ କିଛି ହେଲେ ଏହାର ଆୟତ୍ତର ବହିର୍ଭୁତ ହୁଏନାହିଁ । ଭାବନା କର୍ମକୁ ଉଦ୍ରେକ କରାଏ । କର୍ମ ଅଭ୍ୟାସ ସୃଷ୍ଟି କରେ । ଅଭ୍ୟାସ ଚରିତ୍ର ଗଠନ କରେ । ଚରିତ୍ର ଭାଗ୍ୟ, ଭଲ ବା ମନ୍ଦ, ନିର୍ଦ୍ଧାରଣ କରେ । ସୁତରାଂ ଭାବନା ହିଁ ଦୁର୍ଭାଗ୍ୟ ବା ସୌଭାଗ୍ୟର ଭିତ୍ତିଭୂମି । ସତ୍‌ଭାବାନା ଠାରୁ ବଳି ମହାନ୍ ଆଶୀର୍ବାଦ ଆଉ କିଛି ନାହିଁ । ସତ୍‌ସଙ୍ଗତି ସତ୍‌ଭାବନାର ଅଭିବୃଦ୍ଧି କରେ । ଭାବନା ଇଚ୍ଛାଶକ୍ତିକୁ ଦୃଢ଼ କରିବାରେ ସହାୟକ ହୁଏ । ଏହା ବିବେକ, ବୁଦ୍ଧି, ଦୃଢ଼ସଂକଳ୍ପ, ବାଗ୍ମିତା ଓ ଅନ୍ୱେଷଣ ଆଦି ଅନ୍ୟାନ୍ୟ ଗୁଣ ଆହରଣର ଭିତ୍ତିଭୂମି ଅଟେ । ଅବଶ୍ୟ ପ୍ରତ୍ୟେକଙ୍କ ଭିତରେ ଥିବା ଏହି ଇଚ୍ଛାଶକ୍ତି କାମନାର ଅସୀମ ବୃଦ୍ଧି ଯୋଗୁଁ ଦୁର୍ବଳ ହୋଇପଡ଼େ । ଦୁର୍ବଳ ଇଚ୍ଛାଶକ୍ତି ଦେଇ ମଣିଷ ଶାନ୍ତି ବା ଆନନ୍ଦର ଉପଭୋଗ କରିପାରିବ ନାହିଁ । ଏହା ଏସ ସାଧାରଣ ଅନୁଭୂତି ଯେ ଯେଉଁ ଲୋକମାନେ ମଦ୍ୟପାନ ବା ଧୂମପାନ କରନ୍ତି ସେମାନେ ସିଗାରେଟ ପିଇବା ଆଦି କମାଇ ଦେଲେ ସେମାନଙ୍କର ଇଚ୍ଛଶକ୍ତିର ବୃଦ୍ଧି ଘଟେ । ଅତି ଦୁଃଖର କଥା ଯେ ଲୋକମାନେ ତୁଚ୍ଛ ଓ କ୍ଷଣିକ ସୁଖ ପାଇଁ ଜୀବନର ଅତି ମହାର୍ଘ ବସ୍ତୁମାନଙ୍କୁ ବଳି ଦେଉଛନ୍ତି । ନଗଣ୍ୟ ବସ୍ତୁର ଅନ୍ୱେଷଣରେ ଲୋକମାନେ ନିଜକୁ ପାପ କାମରେ ଲିପ୍ତ କରୁଛନ୍ତି । ସେମାନେ ଦିବ୍ୟତ୍ୱକୁ ଭୁଲି ଯାଉଛନ୍ତି । ପାପକର୍ମର ପରିଣାମରୁ ଖସିଯିବାର ଉପାୟ ନାହିଁ । ତେଣୁ ପ୍ରତ୍ୟେକ ବ୍ୟକ୍ତି ପାପକୁ ଭୟ କରିବା ଉଚିତ । ସମଭାବରେ ଦୈବପ୍ରୀତି ମଧ ରହିବା ଆବଶ୍ୟକ । ଏହି ଦୁଇଟି ରହିଲେ ମଣିଷ ସମାଜରେ ପ୍ରକୃତ ନୈତିକ ବ୍ୟକ୍ତି ହୋଇ ରହିପାରିବ । ସେଥିପାଇଁ ତୁମେମାନେ ଏହି ତିନୋଟି କଥା ମନେ ରଖିବା ଉଚିତ । ଦୈବପ୍ରୀତି, ପାପଭୀତି ଓ ସଂଘନୀତି । ଯେ ଏହି ତିନୋଟିକୁ ପାଳନ କରେ ସେ ଅନ୍ୟ ସମସ୍ତ ମାନବୀୟ ମୂଲ୍ୟବୋଧ ପାଳନ କରିଥାଏ । ପାପଭୀତି, ଅହିଂସା ଓ ଶାନ୍ତିରେ ପରିଣତ ହୁଏ । ଦୈବପ୍ରୀତି ସତ୍ୟାନୁଶୀଳନ ଓ ସବୁ ପ୍ରାଣୀ ମାନଙ୍କ ପ୍ରତି ପ୍ରେମ ଭାବରେ ଅଭିବୃଦ୍ଧି କରେ । ସଂଘନୀତି ଧର୍ମରେ ପରିଣତ ହୁଏ । ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ଶବ୍ଦ ଗୁଡ଼ିକ ଶୁକବତ୍ ଆବୃତ୍ତି କରିବାରେ କିଛି ଅର୍ଥ ନାହିଁ । ପ୍ରତ୍ୟେକ ଲୋକ ଦିବ୍ୟତ୍ୱର ଅନୁଭୂତି ପାଇଁ ପ୍ରୟାସ କରିବା ଉଚିତ । ଆଜି ପୃଥିବୀରେ ଯେଉଁସବୁ ବିଶୃଙ୍ଖଳା ଓ ଦ୍ୱନ୍ଦ୍ୱ ଦେଖାଦେଉଛି ସେଗୁଡ଼ିକର କାରଣ ହେଉଛି ପାପଭୀତି ଓ ଦୈବପ୍ରୀତିର ଅଭାବ । ତୁମେମାନେ ଅନ୍ୟମାନଙ୍କର ନିନ୍ଦା ବା ଗୁଲିଖଟି ଗପରେ ଲିପ୍ତ ରହିବା ଉଚିତ ନୁହେଁ । ଅନ୍ୟର ନିନ୍ଦା କରିବା ବେଳେ ତୁମେ ନିଜକୁ ତଳକୁ ଖସାଇ ଦେଉଛ ବୋଲି ଭାବିବା ଉଚିତ । ସେବା ଠାରୁ ବଳି ମହାନ କାର୍ଯ୍ୟ ଆଉ କିଛି ନାହିଁ । ସର୍ବୋତ୍ତମ ମୂଲ୍ୟବୋଧ ରୂପେ ଦୈବପ୍ରୀତି, ପାପଭୀତି ଓ ସଂଘନୀତିର ଅଭିବୃଦ୍ଧି କରିବାକୁ ପ୍ରୟାସ କରିବା ଉଚିତ । ପ୍ରକୃତରେ ଦୈବପ୍ରୀତି ରହିଲେ ପାପଭୀତି ଆପେ ଆପେ ଦେଖାଦେବ ଏବଂ ଏହି ଦୁଇଟିଯାକ ରହିଲେ ଏହାର ସ୍ୱାଭାବିକ ପରିମାଣ ରୂପେ ନୈତିକତାର ଉଦ୍ରେକ ହେବ । ସଂଘନୀତି ମାନବଜାତି ପାଇଁ ଏକ ଦୀପଶିଖା ସଦୃଶ । ପ୍ରତ୍ୟେକେ ଦୈବପ୍ରୀତିର ବିକାଶ କରି ସେବା କାର୍ଯ୍ୟ କରିବା ଉଚିତ । ପ୍ରେମ ଓ ସେବା ମଣିଷର ଦୁଇଟି ଆଖି ବା ଚଢ଼େଇର ଦୁଇଟି ଡେଣାପରି । ଯାହାର ନିଜ ପଡ଼ୋଶୀ ପ୍ରତି ପ୍ରେମ ନାହିଁ ସେ ଅନ୍ଧପରି । ପ୍ରେମର ଅଭିବ୍ୟକ୍ତିରେ କୌଣସି ଛଳନା ରହିବା ଉଚିତ ନୁହେଁ । ଦିବତ୍ୱ ଯେ ପ୍ରତ୍ୟେକଙ୍କ ଠାରେ ବିଦ୍ୟମାନ, ଏହି ସଂକଳ୍ପ ଉପରେ ଏହା ଆଧାରିତ ହେବା ଉଚିତ । ପ୍ରେମ ଆନ୍ତରିକ ହେଲେ ପ୍ରକୃତ ଶାନ୍ତି ଓ ଆନନ୍ଦର ଅନୁଭୂତି ଲାଭ କରିହେବ । ମୋତେ ଏହି ସତ୍ୟର ଆର୍ଦଶ ରୂପେ ଦେଖ । ମୁଁ ସମସ୍ତଙ୍କୁ ପ୍ରେମ କରେ, ଖରାପ ଲୋକଙ୍କୁ ମଧ । ଯେଉଁମାନେ ମୋତେ ବିଦ୍ରୁପ କରନ୍ତି ମୁଁ ସେମାନଙ୍କୁ ବେଶୀ ଭଲ ପାଏ ଏବଂ ସେମାନଙ୍କୁ ମୋ ନିକଟକୁ ଟାଣି ଆଣେ । ମୁଁ ଏଥିରୁ ମହାନ ଆନନ୍ଦ ଲାଭ କରେ । ତେଣୁ ମୋ ଜୀବନ ହିଁ ମୋ ବାର୍ତ୍ତା, ମୋ ପାଖରେ ସବୁବେଳେ ତ୍ୟାଗ ରହିଛି, ଭୋଗ ନୁହେଁ । ତ୍ୟାଗ ହିଁ ମୋ ପାଇଁ ଭୋଗ । ତୁମେମାନେ ତ୍ୟାଗ ଓ ଉତ୍ସର୍ଗ ଭାବରେ ଉତ୍କର୍ଷ ହାସଲ କରିବା ଉଚିତ । ତୁମ୍ଭେମାନେ ଉତ୍ସର୍ଗୀକୃତ ଭାବରେ ସମାଜରେ ପ୍ରବେଶ କରିବା ଉଚିତ ଏବଂ ନିଜର ସାମର୍ଥ୍ୟ ଓ ଦକ୍ଷତା ଅନୁସାରେ ସେବା କାର୍ଯ୍ୟ ଗ୍ରହଣ କରିବା ଉଚିତ । ସେବା ଉପରେ ଏକାଗ୍ରଚିତ୍ତ ହୁଅ । ତୁମେ କାହାରି ଧନ, ପଦ, ନାମ ବା ମର୍ଯ୍ୟଦା ସହିତ ଜଡ଼ିତ ହେବା ଉଚିତ ନୁହେଁ । ନିଷ୍ଠାପର ସେବା ହିଁ ଏକମାତ୍ର ଲକ୍ଷ୍ୟ ହେଉ । ଯେଉଁମାନେ ବିନମ୍ରତାର ସହିତ ନିଜକୁ ଦାସାନୁଦାସ ବୋଲି ମନେ କରନ୍ତି ସେମାନେ ହିଁ ପ୍ରକୃତରେ ଈଶ୍ୱରଙ୍କର ସେବକ । ଈଶ୍ୱର ସର୍ବବ୍ୟାପୀ । ସେ ଗୋଟିଏ ଛୋଟ ମନ୍ଦିରରେ ଛବି ବା ମୂର୍ତ୍ତି ମଧ୍ୟରେ ସୀମିତ ନୁହଁନ୍ତି । ତୁମେ ଈଶ୍ୱରଙ୍କୁ ପ୍ରେମାବତାର ମଣି ପ୍ରେମର ସହିତ ସବୁ କାର୍ଯ୍ୟ କରିଯିବା ଉଚିତ ।

**ଇଂ. ସଚ୍ଚିଦାନନ୍ଦ ନନ୍ଦ, ଅଲିଶା ବଜାର, କଟକ**




# ନ୍ୟାୟିକ ସେବା ଶିକ୍ଷାନବିଶ ମାନଙ୍କ ନିମନ୍ତେ ଲୋକସେବା ଭବନ ପରିଚୟାତ୍ମକ ତାଲିମ

ଭୁବନେଶ୍ୱର, (ପି.ଏନ): ନ୍ୟାୟିକ ସେବା (ଜୁଡ଼ିସିଆଲ୍ ସର୍ଭିସ୍ ) ପ୍ରୋବେଶନର ମାନଙ୍କ ତାଲିମ କାର୍ଯ୍ୟକ୍ରମର ଅଂଶଭାବେ ଆଜି ୩୯ ଜଣ ଶିକ୍ଷାନବିଶ ଅଧିକାରୀ ଲୋକସେବା ଭବନ ପରିଦର୍ଶନ କରି ପ୍ରଶାସନିକ ବ୍ୟବସ୍ଥା ବିଷୟରେ ପରିଚୟାତ୍ମକ ତାଲିମ ନେଇଥିଲେ । ଏଥି ନିମନ୍ତେ ଲୋକସେବା ଭବନ କନଭେନ୍ସନ୍ ସେଣ୍ଟରଠାରେ ଏକ ଆଲୋଚନା ଚକ୍ରରେ ଆୟୋଜିତ ହୋଇଥିଲା । ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ମହାପାତ୍ର ଜୁଡ଼ିସିଆଲ୍ ସର୍ଭିସ୍ ପ୍ରୋବେଶନରମାନଙ୍କୁ ପ୍ରଶାସନିକ ବ୍ୟବସ୍ଥା ଓ କାର୍ଯ୍ୟ ପଦ୍ଧତି ବିଷୟରେ ପରିଚୟାତ୍ମକ ତାଲିମ ଦେଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଲୋକସେବା ଭବନର ନାମକରଣ ହିଁ ପ୍ରଶାସନିକ ବ୍ୟବସ୍ଥାର ଏକ ପ୍ରତିଫଳନ । ଏହି ନାମକରଣ ସର୍ବଦା ପ୍ରଶାସନିକ ଅଧିକାରୀମାନଙ୍କୁ ସର୍ବଦା ମନେପକାଇ ଦିଏ ଯେ ଲୋକମାନଙ୍କୁ ସେବା ଯୋଗାଇବା ପାଇଁ ସେମାନେ ଉଦ୍ଦିଷ୍ଟ ଏବଂ ବିଧି ଦ୍ୱାରା ନିର୍ଦ୍ଧାରିତ ନାକରିକ-କେନ୍ଦ୍ରିକ ସେବା ଯୋଗାଣ ହିଁ ପ୍ରଶାସନର ମୌଳିକ ଲକ୍ଷ୍ୟ । ବ୍ୟବସ୍ଥାପକ, ନ୍ୟାୟପାଳିକା ଏବଂ କାର୍ଯ୍ୟ ନିର୍ବାହୀ ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଏକ ସ୍ତମ୍ଭଭାବେ ନିଜ ନିଜର କାର୍ଯ୍ୟ ସଂପାଦନ କରିଥାଆନ୍ତି । ଏଥି ପାଇଁ ପ୍ରତ୍ୟେକ ସ୍ତମ୍ଭ ଅନ୍ୟ ସ୍ତମ୍ଭର କାର୍ଯ୍ୟ ପଦ୍ଧତି ବିଷୟରେ ଜ୍ଞାତ ହେବା ଆବଶ୍ୟକ । ଏହି ସ୍ତମ୍ଭମାନେ ସାମଗ୍ରିକ ଭାବେ ସମ୍ବିଧାନର ସାର୍ବଭୌମତ୍ୱ ବଜାୟ ରଖିବାକୁ ଅଙ୍ଗୀକାର ବଦ୍ଧ । ନାଗରିକମାନଙ୍କ ଅଧିକାର, ସୁରକ୍ଷା, ବିକାଶ ଓ ସାମାଜିକ ନ୍ୟାୟ ସମ୍ବିଧାନର ମୂଳମନ୍ତ୍ର । ସ୍ୱଚ୍ଛ ଓ ନିରପେକ୍ଷଭାବେ ତ୍ୱରିତ ଓ ସଠିକ୍ ସେବା ଯୋଗାଣ ମାଧ୍ୟମରେ ଏହି ସାମ୍ବିଧାନିକ ଆଦର୍ଶର ରୂପାୟନ ହୋଇଥାଏ । ଶ୍ରୀ ମହାପାତ୍ର ଆହୁରି ମଧ୍ୟ କହିଥିଲେ ଯେ ଓଡ଼ିଶାରେ ବର୍ତ୍ତମାନ ନ୍ୟାୟିକ ସେବା ଯୋଗାଣ କ୍ଷେତ୍ରରେ ଏକ ଉଚ୍ଚମାନର ରୂପାନ୍ତରିକରଣ ସଂଗଠିତ ହେଉଛି । ଓଡ଼ିଶା ହାଇକୋର୍ଟଙ୍କ ନିଷ୍ପତ୍ତିକ୍ରମେ ପ୍ରାୟ ୧୪ ଲକ୍ଷ ମକଦ୍ଦମାର ସବିଶେଷ ବିବରଣୀକୁ ଡ଼ିଜିଟାଇଜ୍ କରାଯାଉଛି । ବିଭିନ୍ନ କୋର୍ଟରେ ଭିତ୍ତିଭୂମି ବିକାଶ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ପ୍ରୟୋଗ ନିମନ୍ତେ ବ୍ୟବସ୍ଥା କରାଯାଉଛି । ଏହି କାର୍ଯ୍ୟର ଅଗ୍ରଗତି ସହିତ ନ୍ୟାୟିକ ସେବା ଯୋଗାଣରେ ଗୁଣାତ୍ମକ ଓ ପରିମାଣାତ୍ମକ ରୂପାନ୍ତର ହେବ । ମୁଖ୍ୟ ଶାସନ ସଚିବ ମଧ୍ୟ ବିଭିନ୍ନ ଆଇନ୍ ଓ ନିୟମ ଗୁଡିକର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ବିଷୟରେ ଶିକ୍ଷାନବିଶମାନଙ୍କୁ ଅବଗତ କରାଇଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର କାର୍ଯ୍ୟ ନିର୍ବାହୀ ବ୍ୟବସ୍ଥାର କାର୍ଯ୍ୟଧାରା ବିଷୟରେ ଆଲୋକପାତ କରିଥିଲେ । ବିଭିନ୍ନ ଜନମଙ୍ଗଳ ସେବା ଯୋଗାଣରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଏବଂ ସମନ୍ୱିତ କାର୍ଯ୍ୟପନ୍ଥା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ନିରପେକ୍ଷତା, ସ୍ୱଚ୍ଛତା, ସମଭାବାପନ୍ନତା ଏବଂ ସମାନତା ଆଦି ଆଦର୍ଶ ମାଧ୍ୟମରେ ଉତ୍ତମ ପ୍ରଶାସନ ଅଧିକ ସମୃଦ୍ଧ ହେବ ବୋଲି ଶ୍ରୀ କୁମାର କହିଥିଲେ । ଏହି କାର୍ଯ୍ୟକ୍ରମଟି ତିନିଟି ବୈଠକରେ ସମାପନ ହୋଇଥିଲା । ବିଭିନ୍ନ ବୈଠକରେ ମୁଖ୍ୟତଃ ସରକାରୀ କାର୍ଯ୍ୟଧାରା ନିୟମ, ବିଭିନ୍ନ ସେବା ସର୍ତ୍ତାବଳୀ, ପୋଲିସର ଭୂମିକା, ଦାୟିତ୍ୱ ଓ ପରିସର, ୫-ଟି ଏବଂ ମୋ-ସରକାର ଫ୍ରେମ୍ୱାର୍କ, ପଞ୍ଚାୟତି ରାଜ ଅନୁଷ୍ଠାନର କାର୍ଯ୍ୟ ବିଧି, ବଜେଟ୍ ପ୍ରସ୍ତୁତି, ପାଣ୍ଠି ଆବଣ୍ଟନ, ଆବଣ୍ଟିତ ବଜେଟ୍ ପାଣ୍ଠିର ସଠିକ୍ ବିନିଯୋଗ ଆଦି ବିଷୟରେ ଆଲୋଚନା ହୋଇଥିଲା ।ପଞ୍ଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ମୀନା, ଆଇନ୍ ବିଭାଗ ଶାସନ ସଚିବ ଶ୍ରୀ ପ୍ରତାପ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶ୍ରୀ ପ୍ରଣୟ କୁମାର ଦାସ, ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର ଅଧିକାରୀ ଶ୍ରୀ ଦିଲ୍ଲୀପ ରାଉତରାଏ, ପୋଲିସ କମିଶନର ଶ୍ରୀ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ରାଜ୍ୟ ବଜେଟ୍ ନିର୍ଦ୍ଦେଶକ ଏବଂ ସି.ଏମ୍.ଜି.ଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼ଃ ସତ୍ୟପ୍ରିୟ ରଥ, ଓକାକ୍ର ଜେନେରାଲ୍ ମ୍ୟାନେଜର ଶ୍ରୀମତୀ ମଧୁମିତା ରଥ ପ୍ରମୁଖ ଏହିସବୁ ବିଷୟରେ ପ୍ରୋବେଶନରମାନଙ୍କୁ ଅବଗତ କରାଇଥିଲେ । ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଦେବବ୍ରତ ମଲ୍ଲିକ୍, ଶିବନାରାୟଣ ସାହୁ, ସାଗରିକା ହୋତା ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧିକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ନବୀନଙ୍କ ରାଜନୈତିକ କ୍ୟାରିୟରକୁ ୨୫ ବର୍ଷ

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜନୀତିରେ ୨୫ ବର୍ଷ ପୂରଣ କରିଛନ୍ତି । ୧ ଜୁନ୍, ୧୯୯୭ରେ ସାଂସଦ ଭାବେ ନିର୍ବାଚିତ ହୋଇଥିବା ନବୀନ ଏହି ୨୫ ବର୍ଷ ମଧ୍ୟରେ ନିଜକୁ ଦେଶର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତାଭାବେ ପ୍ରତିଷ୍ଠିତ କରିପାରିଛନ୍ତି । ତାଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାରେ କ୍ଷମତାସୀନ ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ଦଳର ବିଧାୟକ ,ନେତା ଓ କର୍ମକର୍ତ୍ତା ମାନେ ବୁଧବାର ସଂଧ୍ୟାରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଉପଲବ୍ଧି ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ୨୫ ବର୍ଷ ତଳେ ରାଜନୀତିରେ ନବାଗତ ଥିବା ନବୀନ ଆଜି ରାଜ୍ୟ ରାଜନୀତିରେ ନିଜକୁ ଜଣେ ପୁରୁଖା ଖେଳାଳି ଭାବେ ପ୍ରତିପାଦିତ କରିପାରିଛନ୍ତି। ଲଗାତାର ୫ ଥର କ୍ଷମତାସୀନ ହୋଇଛନ୍ତି। ୧୯୯୭ ମସିହାରେ ଆସ୍କା ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହେବା ପରେ ନବୀନ ପଟ୍ଟନାୟକ ତତକାଳୀନ ଅଟଳବିହାରୀ ବାଜପେୟୀ ସରକାରରେ ଖଣି ଓ ଇସ୍ପାତ ମନ୍ତ୍ରୀ ଥିଲେ । ୨୦୦୦ ମସିହାରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିଜେଡ଼ି ଓ ବିଜେପି ମିଳିତଭାବେ ନିର୍ବାଚନ ଲଢି ବିଜୟ ହାସଲ କରିଥିଲେ । ଏହା ପରେ ନବୀନ ପ୍ରଥମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ୨୦୦୪ ସାଧାରଣ ନିର୍ବାଚନରେ ଏନଡିଏ ପରାଜିତ ହୋଇଥିଲେ ବି ଓଡ଼ିଶାରେ ମେଣ୍ଟ କ୍ଷମତାକୁ ଫେରିଥିଲା ଓ ନବୀନଙ୍କ ମୁଖ୍ୟମନ୍ତ୍ରୀତ୍ୱ ଜାରି ରହିଥିଲା । ୨୦୦୯ରେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିବା ପରେ ପ୍ରଥମ ଥର ପାଇଁ ବିଜେଡି ଏକୁଟିଆ ନିର୍ବାଚନ ଲଢି ବିପୁଳ ବିଜୟ ହାସଲ କରିଥିଲା । ଏହା ପରେ ୨୦୧୪, ୨୦୧୯ ନିର୍ବାଚନରେ ବିଜେଡି ନବୀନଙ୍କ ନେତୃତ୍ୱରେ ଆଶାତୀତ ସଫଳତା ହାସଲ କରିଛି ।

# ବିଧାୟକ କଲୋନୀ ପରିସରରୁ ଗଛକଟା ବିରୋଧରେ ପ୍ରେରଣା ପକ୍ଷରୁ ରାଜ୍ୟାପଳଙ୍କୁ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର, (ପି.ଏନ): ବିଧାୟକମାନଙ୍କ କଲୋନୀ ପରିସରରୁ ପ୍ରାୟ ୪୦/୫୦ ବର୍ଷର ଏକ ହଜାର ପାଖାପାଖି ଗଛ କଟାଯିବା ଦ୍ୱାରା ଭୁବନେଶ୍ୱର ଏକ ଉତପ୍ତ ସହରରେ ପରିଣତ ହେବା ସହ ଏହାର ପରିବେଶ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷିତ ହେବ ବୋଲି ପ୍ରେରଣା ପକ୍ଷରୁ ବିଗତ ତିନିଦିନ ଧରି ବିଧାୟକ କଲୋନୀ ସମ୍ମୁଖରେ ଧାରଣା ଦିଆଯାଇଛି। ଆଜି ପ୍ରେରଣାର ଅଧକ୍ଷ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଏହି ଗଛକଟା ବିରୁଦ୍ଧରେ ଏକ ଚରିଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଥମତଃ ବିଧାୟକ କଲୋନୀ ପରିସରରୁ ଆଉ ଯେପରି ଗୋଟିଏ ଗଛ କଟାନଯିବ, ସେଥିପାଇଁ ସରକାର ସଂକଳ୍ପବଦ୍ଧ ହେବେ। ଦ୍ୱିତୀୟତଃ ଯେଉଁ ଗଛଗୁଡ଼ିକ କଟାଯାଇଛି, ତାର ଭରଣା ପାଇଁ ଭୁବନେଶ୍ୱର ସହର ଓ ଉପକଣ୍ଠରେ ୧୦୦ଗୁଣ ବୃକ୍ଷରୋପଣ କରି ଏକ ଉଦ୍ୟାନ ସୃଷ୍ଟି କରିବା। ତୃତୀୟତଃ ଭୁବନେଶ୍ୱର ଚତୁଃପାର୍ଶ୍ୱରେ ୫୦ ମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ବୃକ୍ଷରାଜିପୂର୍ଣ୍ଣ ଏକ ସବୁଜ ବଳୟ ସୃଷ୍ଟି କିରବା ଏବଂ ଚତୁର୍ଥତଃ ଭୁବନେଶ୍ୱର ସହର ପାଇଁ ଦିଲ୍ଲୀ ଭଳି ଏକ ଟ୍ରି ଆଇନ୍ ପ୍ରଣୟନ କରିବା। କାରଣ ଟ୍ରି ଆଇନ ଥିଲେ ରାସ୍ତା ପ୍ରଶସ୍ତିକରଣ ବେଳେ କିମ୍ବା ରାସ୍ତା ନିର୍ମାଣ ବେଳେ ବା ଗୃହ ନିର୍ମାଣ ବେଳେ ଗଛକୁ ନକାଟି ତାହା ନିର୍ମାଣ କରାଯିବା ବିଧି ରହିଛି। ସେହିପରି ଗଛ କାଟିବା ପୂର୍ବରୁ ସ୍ଥାନୀୟ ଜନସାଧାରଣଙ୍କ ସହ ଜନଶୁଣାଣି କରି ପରିବେଶବିତମାନଙ୍କ ସହ ଆଲୋଚନା କରି ଅଟ୍ଟାଳିକା ନିର୍ମାଣ ଆଦି କରାଯିବା ଉଚିତ୍। ସେହିପରି ବିଧାୟକମାନଙ୍କ ପାଇଁ ଭୁବନେଶ୍ୱର ଉପକଣ୍ଠରେ ଯଥେଷ୍ଟ ବୃକ୍ଷରୋପଣ ଓ ପରିବେଶ ସନ୍ତୁଳନ ରକ୍ଷା କରି ଯଦି ବିଧାୟକ କଲୋନୀ ନିର୍ମାଣ କରାଯିବ, ତାହା ବିଧାୟକମାନଙ୍କ ଯାତାୟତରେ କିମ୍ବା ରହିବାରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ଓ ଏହି କଲୋନୀ ଭିତରେ ଗଛ କାଟିବା ଦରକାର ପଡ଼ିବ ନାହିଁ ବୋଲି ଏହି ଦାବିପତ୍ରରେ ପ୍ରେରଣାର ଅଧକ୍ଷ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଦର୍ଶାଇବା ସହ ରାଜ୍ୟ ସରକାର ଏହାକୁ ମାନିନେବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି।

## ପଥର ଟ୍ରକ ଜବତ, ଚାଳକ ଫେରାର

ଖୋର୍ଦ୍ଧା,(ପିଏନ)- ବେଗୁନିଆ ପୋଲିସ ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଏକ ମାଙ୍କଡା ପଥର ବୋଝେଇ ଟ୍ରକ ଜବତ କରି ଏକ ମୋକଦ୍ଦମା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥିଙ୍କ ସୂଚନା ମୁତାବକ ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଓଡି୨୫ସି ୮୩୩୯ନମ୍ବର ବିଶିଷ୍ଟ ଟ୍ରକଟି ପଥର ବୋଝେଇ କରି ଆସୁଥିବା ସମୟରେ ଓଗାଳପୁର ନିକଟରେ ପୋଲିସ ଅଟକାଇବାରୁ ଚାଳକ ଜଣକ ଚତୁରତାର ସହିତ ଖସି ପଳାଇଥିଲା ।

# ପ୍ରଧାନଶିକ୍ଷକଙ୍କ ଅବସର କାଳୀନ ସଭା

ଖୋର୍ଦ୍ଧା, (ପିଏନ): ବୋଲଗଡ ସଦର ମହକୁମାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ପଣ୍ଡା ନିଜ ବୃତିଗତ ଜୀବନରୁ ଅବସର ଗ୍ରହଣ ରିଛନ୍ତି । ଏହି ଉପଲକ୍ଷେ ଶିକ୍ଷାବିତ ଗୋପିନାଥ ଖାଡଙ୍ଗାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି,ବୋଲଗଡ ବ୍ଲକ ଶିକ୍ଷାଧିକାରୀ ଡଃ ନିରଞ୍ଜନ ମହାନ୍ତି ମୁଖ୍ୟବକ୍ତା,ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଗୁଣୀ ପ୍ରଧାନ,ରଣପୁର ବ୍ଲକ ପୂର୍ବତନ ବିଇଓ ଉପେନ୍ଦ୍ର ନାଥ ସାହୁ,ଏବିଇଓ ପଦ୍ମ ଚରଣ ବେହେରା,ପ୍ରାକ୍ତନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ,ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଓ ପରିଚାଳନା କମିଟିର ସଭାପତି ଦିଲ୍ଲୀପ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶ୍ରୀ ପଣ୍ଡାଙ୍କର ବହୁମୁଖି ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ । ସଭାର ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ମୁଖ୍ୟ ଅତିଥି ଶ୍ରୀ ପାଣିଗ୍ରାହୀ ସ୍ୱ ରଚିତ ବିଦାୟକାଳୀନ ସଙ୍ଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟରେ ବହୁ ଛାତ୍ରଛାତ୍ରୀ,ଶିକ୍ଷକ ଓ ଶିକ୍ଷୟିତ୍ରୀ ଶ୍ରୀ ପଣ୍ଡାଙ୍କର ଗୁଣଗାନ କରିଥିଲେ ।



ନବନିଯୁକ୍ତ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରଭୁଶ୍ରୀଜଗନ୍ନାଥଙ୍କ ଆଶିର୍ବାଦ ନିମନ୍ତେ କର୍ମୀଙ୍କ ସହ ପୁରୀ ଶ୍ରୀମନ୍ଦିରରେ

# ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ପାଉଥିବା ହିତାଧିକାରୀ ବଂଚିତ

ଧର୍ମଶାଳା, (ପିଏନ୍): ରାଜ୍ୟ ସରକାର ଗରିବ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କେଜି ଲେଖାଏଁ ଚାଉଳ ବା ଗହମ କିଲୋ ପ୍ରତି ୧ ଟଙ୍କା ମୁଲ୍ୟରେ ଯୋଗାଇ ଦେଉଛନ୍ତି। କରୋନା ଯୋଗୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଦେଉଥିବା ହିତାଧିକାରୀମାନଙ୍କୁ ବିନା ମୁଲ୍ୟରେ ମୁଣ୍ଡପିଛା ୫ କେଜି ଗହମ ବା ଚାଉଳ ଯୋଗଇ ଦେଇଛନ୍ତି। ପରବର୍ତି ସମୟରେ କେନ୍ଦ୍ର ସରକାର ଏହି ଯୋଜନାକୁ ଆସନ୍ତା ସେପ୍ଟେମ୍ବର ମାସ ଯାଏଁ ବୃଦ୍ଧି କରିଥିଲେ। ମାତ୍ର ଏପ୍ରିଲ ଓ ମେ ମାସରେ ଗହମ ପାଉଥିବା ହିତାଧିକାରୀମାନେ ଗହମ ପାଇବାରୁ ବଂଚିତ ହୋଇଛନ୍ତି। ଧର୍ମଶାଳା ବ୍ଲକର ୪୫ ଗୋଟି ପଂଚାୟତରେ ୮୯ ଡିଲରଙ୍କ ମାଧ୍ୟମରେ ୪୦ହଜାର ୧୮୧ ପରିବାରର ୧ଲକ୍ଷ ୬୦ ହଜାର ୨୬୦ ଜଣ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି । ହିତାଧିକାରୀଙ୍କୁ ମୁଣ୍ଡପିଛ ୫ କିଲୋ ଲେଖାଏଁ ଗହମ ଓ ଚାଉଳ କିମ୍ବା ୫ କିଲୋ ଗହମ ଏବଂ ଚାଉଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଏହିକ୍ରମରେ ଧର୍ମଶାଳା ବ୍ଲକରେ ପ୍ରତି ମାସକୁ ୭ହଜାର ୩୯୫ କ୍ୱିଣ୍ଟାଲ ଚାଉଳ ଓ ୧୫୬୫ କ୍ୱିଣ୍ଟାଲ ଗହମ ବଂଟନ କରାଯାଉଛି । କେନ୍ଦ୍ର ସରକାର ମଧ୍ୟ ସମପରିମାଣର ଚାଉଳ ଓ ଗହମ ବିନା ମୁଲ୍ୟରେ ମାର୍ଚ୍ଚ ମାସ ଯାଏଁ ଯୋଗାଇ ଆସୁଥିଲେ। କେନ୍ଦ୍ର ସରକାର ଏପ୍ରିଲ ଓ ମେ ମାସ ପାଇଁ ଗହମ ବନ୍ଦ କରି କେବଳ ଚାଉଳ ୭ହଜାର ୩୯୫କ୍ୱିଂଟାଲ ଚାଉଳ ବଂଟନ ପାଇଁ ନର୍ଦ୍ଦେଶ ଦେଇଛନ୍ତି ଫଳରେପ୍ରତିମାସରେ ୧୫୬୫କ୍ୱିଂଟାଲ ପାଉଥିବା ଗହମ ହିତାଧିକାରୀ ମାନେ ଏପ୍ରିଲ ଓ ମେ ମାସ ପାଇଁ ବଂଚିତ ହୋଇଛନ୍ତି।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ସୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

## ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୮ କୃଷି ସମବାୟ ସମିତି ପାଇଁ ପ୍ରାର୍ଥିପତ୍ର ଦାଖଲ

ଧର୍ମଶାଳା,୧।୬(ପିଏନ୍): ପ୍ରାଥମିକ କୃଷି ସେବା ସମବାୟ ସମିତି (ପାକ୍ସ) ନିର୍ବାଚନ ଆସନ୍ତା ଜୁନ୍ ୧୯ ରେ ହେବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଦାଖଲ ପକ୍ରିୟା ଗତ ୩୦ ତାରିଖରେ ଶେଷ ହୋଇଯାଇଛି। ଧର୍ମଶାଳା ବ୍ଲକର ମୋଟ ୧୩ଟି ସମିତି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮ ଟି ସମିତିର ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ମୋଟ ୧୮୧ ଜଣ ପ୍ରାର୍ଥୀ ବିଭିନ୍ନ ଜୋନ୍ ପାଇଁ ନାମାଙ୍କନ ଦାଖଲ କରିଥିବା ଜଣାପଡିଛି। ଅଭୟପୁର, ମହୀଶରା ଓ ମଧୁପୁରଗଡ଼ ଆଦି ୩ଟି ସମିତିରେ ଥିବା ୧୫ ଟି ଲେଖାଏଁ ଜୋନ୍ ନିମନ୍ତେ ୧୫ ଜଣ ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ସେଠାରେ ଆଉ ନିର୍ବାଚନର ଆବଶ୍ୟକତା ନାହିଁ ବୋଲି ଜଣାପଡିଛି। ଏହା ବ୍ୟତୀତ ଦେଓଦା ସମବାୟ ସମିତିରେ ୩୪ ଜଣ, କଂଟିଗଡ଼ିଆ ସମବାୟ ସମିତିରେ ୩୨ ଜଣ, ଅରେଇକଣା ସମବାୟ ସମିତିରେ ୨୨ ଜଣ, ଜେନାପୁର ସମବାୟ ସମିତିରେ ୨୩ ଜଣ ଓ ରେଖିଦେଇପୁର୍ ସମବାୟ ସମିତିରେ ୨୫ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇôକ୍ଷଣ୍ଣ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




# ବିଚ୍ଛିନ୍ନାଞ୍ଚଳ ଫେରାଇ ଆଣିବା ପାଇଁ ଏକ ଦୁର୍ବାର ଆନ୍ଦୋଳନ କରାଯିବ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ନାଗରିକ ମହାମଞ୍ଚ କାର୍ଯ୍ୟାଳୟ, ଗଙ୍ଗନଗରଠାରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଫେରାଇ ଆଣିବା ପାଇଁ ଜୋରଦାର୍ ଆନ୍ଦୋଳନ କରାଯିବା ସହିତ ଏ ଦିଗରେ ବିହିତ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚେଷ୍ଟା କରିବା ଉଚିତ ବୋଲି ମହାମଞ୍ଚ ପକ୍ଷରୁ ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରିଛନ୍ତି। ମହାମଞ୍ଚର ଅନ୍ୟ ସଦସ୍ୟ ଓଡ଼ିଶା ପୂର୍ଣ୍ଣାଙ୍ଗ ନ୍ୟାସ ମଣ୍ଡଳୀର ସୀତାବଲ୍ଲଭ ମହାପାତ୍ର, ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡ଼ା, ସୀମାନ୍ତ ପ୍ରହରୀ ଜଗଦୀଶ ବକ୍ସିପାତ୍ର, ବି ମୁରଲୀଧର, ନାରାୟଣ ଓଝା, ସୁନୀଲ ମିଶ୍ର ପ୍ରମୁଖ ଏକ ସାମ୍ବାଦିକ ସମ୍ମିଳନୀ କରି ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଶ୍ରୀଯୁକ୍ତ ଶତପଥୀ ମତବ୍ୟକ୍ତ କରିଥିଲେ ଯେ, ୧୯୬୮ ମସିହାରେ ଆନ୍ଧ୍ର ପ୍ରଦେଶର ଏକ ପୋଲିସ୍ ଦଳ କୋଟିଆ ଅଞ୍ଚଳକୁ ସର୍ବପ୍ରଥମେ ଅନଧିକାର ପ୍ରବେଶ କରିଥିଲେ। ଓଡ଼ିଶା ସରକାର ଏହାର ଦୃଢ଼ ପ୍ରତିବାଦ କରି ବିଫଳ ହେବାରୁ ତା୧୨.୦୯.୧୯୬୮ ମସିହାରେ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ଦୁଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ସମାଧାନ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଆସାମ ସମସ୍ୟାର ସମାଧାନ କରିପାରୁଛନ୍ତି, ମାତ୍ର ଓଡ଼ିଶା କ୍ଷେତ୍ରରେ ନୀରବଦ୍ରଷ୍ଟା ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ବର୍ତ୍ତମାନ ବାରମ୍ବାର ଆନ୍ଧ୍ର କୋଟିଆ ଏବଂ ଆଖପାଖର ବିଚ୍ଛିନ୍ନାଞ୍ଚଳ ଉପରେ ନଜର ରଖିବା ସହିତ କଳେବଳେକୌଶଳେ ଆମ ଅଞ୍ଚଳ ହାତେଇବାକୁ ଚେଷ୍ଟା କରିଛି। ଏ ଦିଗରେ ଗତ ବର୍ଷ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ କଥାବାର୍ତ୍ତା ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଆଶୁ ସମାଧାନ ବାହାରି ପାରିଲା ନାହିଁ। କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନଥିବା ବେଳେ ଓଡ଼ିଶା ସରକାର ନିଦାବିଷ୍ଟୁ ସାଜିଛନ୍ତି ବୋଲି ମହାମଞ୍ଚ ପକ୍ଷରୁ କୁହାଯାଇଛି। ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାନଗଲେ ବ୍ୟାପକ ଭାବରେ ଏକ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ମହାମଞ୍ଚ ପକ୍ଷରୁ ମତବ୍ୟକ୍ତ କରାଯାଇଥିଲା। ସ୍ୱର୍ଗତଃ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସୀମାନ୍ତ ଆନ୍ଦୋଳନର ନେତୃତ୍ୱ ନେଇ କିଛି ମାତ୍ରାରେ ସଫଳ ହୋଇଥିଲେ ମଧ୍ୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ପାଇଁ ଆମେ ଆମର ଅଞ୍ଚଳ ଏପର୍ଯ୍ୟନ୍ତ ଫେରି ପାଇପାରିଲୁ ନାହିଁ। ଏହି ପରିପ୍ରେକ୍ଷୀରେ ସମସ୍ତ ସଂଗଠନ, ବୁଦ୍ଧିଜୀବୀ, ସ୍ୱାଭିମାନୀ ଓଡ଼ିଆ ଆଗେଇ ଆସିବା ସହିତ ଓଡ଼ିଶାର ସମ୍ମାନ ସ୍ୱାଭିମାନ ଓ ଆମ ଅଞ୍ଚଳ କିପରି ଆମେ ଫେରି ପାଇପାରିବା, ତାହା ଉପରେ ଗଭୀର ଭାବରେ ଚିନ୍ତନ କରିବାର ସମୟ ଉପନୀତ ବୋଲି କୁହାଯିବା ସହିତ ଆନ୍ଧ୍ର ବାରମ୍ବାର କୋଟିଆରେ ସାଧାରଣ ଜନତାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇବା ସହିତ ଅରାଜକତା ସୃଷ୍ଟି କରୁଛି ବୋଲି ମହାମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଥିଲା। ମହାମଞ୍ଚ ପକ୍ଷରୁ ବିଜୟ ପରିଡ଼ା, ପ୍ରଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## ଓଡିଶା ଟେନିସ୍ କ୍ରିକେଟ ଟିମ୍‌ରେ ସ୍ଥାନ ପାଇ ସଫଳତା ପାଇଲେ କେନ୍ଦୁଝରର ସାଇଓମ୍ ବିଭୂଶଙ୍କର ଏବଂ ରାଜେଶ ଜେନା





କେନ୍ଦୁଝର (ପିଏନ୍): ସଦ୍ୟ ସମାପ୍ତ ଚତୁର୍ଥ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡିଶା ପ୍ରତିନିଧିତ୍ୱ କରିବାର ସୁଯୋଗ ସାଇଓମ୍ ବିଭୂଶଙ୍କର ଓ ରାଜେଶ ବୋଲିଂରେ ଦଳ ପାଇଁ ବେଶ୍ ହୋଇଥିଲେ। ରାଷ୍ଟ୍ରୀୟ ସ୍ତରରେ ଏହି ସିରିଜରେ ଉତ୍ତମ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରି ସିରିଜରେ କରିଥିବା ବେଳେ ସାଇଓମ୍ ଉଇକେଟ୍ ହାସଲ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଓଡିଶା ଦଳ ଉନ୍ନତ ପଶ୍ଚିମବଙ୍ଗରେ ଆୟୋଜିତ ଟେନିସ୍ କ୍ରିକେଟ ଦଳ ତରଫରୁ ପାଇଥିଲେ କେନ୍ଦୁଝରର ଜେନା। ଉଭୟ ବ୍ୟାଟିଂ ଓ ଉପଯୋଗୀ ସାବ୍ୟସ୍ତ ପ୍ରତିଯୋଗିତାରେ ରାଜେଶ ଛତିଶଗଡ ବିପକ୍ଷରେ ମୋଟ୍ ୧୪୬ ରନ୍ ସଂଗ୍ରହ ସିରିଜରେ ୫ଟି ମ୍ୟାଚ୍‌ରେ ୧୦ ଚତୁର୍ଥ ଇଷ୍ଟ ଜୋନ୍ କ୍ରିକେଟ ଖେଳ ପ୍ରଦର୍ଶନ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ମାତ୍ର ପଶ୍ଚିମବଙ୍ଗଠାରୁ ଫାଇନାଲରେ ପରାଜୟ ବରଣ କରି ଉପବିଜେତା ହୋଇଛି। ସାଇଓମ୍ ଓ ରାଜେଶ ଏହି ଟୁର୍ଣ୍ଣାମେଣ୍ଟର ସଫଳତା ପାଇବା ପରେ ବର୍ତ୍ତମାନ ଅଲ ଇଣ୍ଡିଆ ଟେନିସ କ୍ରିକେଟ ସଂଘ ଏବଂ ଓଡିଶା ଟେନିସ କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଅଲ୍ ଇଣ୍ଡିଆ ଫେଡରେସନ୍ କପ୍‌ରେ ଭାଗ ନେଇ ଉତ୍ତମ ଖେଳ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ଅଛନ୍ତି ବୋଲି କହିଛନ୍ତି ସାଇଓମ୍। ସୂଚନାଯୋଗ୍ୟ ଯେ ଗତ ମାସରେ ଆୟୋଜିତ ହୋଇଥିବା ଅଲ ଇଣ୍ଡିଆ ଫେଡରେସନ କପ୍‌ରେ ଭଲ ପ୍ରଦର୍ଶନ କରିଥିବା ଖେଳାଳି ଭାରତୀୟ ଟେନିସ କ୍ରିକେଟ ଟିମ୍ ପକ୍ଷରୁ ଚୟନ ହୋଇ ଭାରତୀୟ କ୍ରିକେଟ ଦଳ ତରଫରୁ ପ୍ରତିନିଧିତ୍ୱ କରି ବାଙ୍ଗାଲ ଦେଶରେ ଖେଳିବାକୁ ସୁଯୋଗ ପାଇବେ।

## ଓମେନ୍ସ ସଂଗଠନ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଭୁବନେଶ୍ୱର (ପିଏନ୍): ବିଶ୍ୱ ମାତୃ ଦିବସ, ବିଶ୍ୱ ରେଡକ୍ରସ୍ ଦିବସ ଏବଂ ବିଶ୍ୱ ଥାଲାସେମିଆ ଦିବସ ଅବସରରେ ଓଡ଼ିଶାର ପୁରାତନ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଓମେନ୍ସ' ପକ୍ଷରୁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ଶିକ୍ଷାକେନ୍ଦ୍ରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ବିଶିଷ୍ଟ ସମାଜସେବୀ ଶ୍ରୀମତୀ ଶୋଭାଦେବୀ ଅଗ୍ରୱାଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ଆମ ରାଜ୍ୟ ଓଡ଼ିଶାରେ ପ୍ରାୟ ତିନି ହଜାରରୁ ଊର୍ଦ୍ଧ୍ୱ ଶିଶୁ ଥାଲାସେମିଆ ରୋଗରେ ପୀଡ଼ିତ। ବିଶେଷକରି ଖୋର୍ଦ୍ଧା ଜିଲ୍ଲାରେ ସାତଶହରୁ ଊର୍ଦ୍ଧ୍ୱ ଶିଶୁ ଏହି ରୋଗରେ ପୀଡ଼ିତ ବୋଲି ମତ ପ୍ରକାଶ ପାଇଛି। ଦୈନିକ ରୋଗୀମାନଙ୍କ ନିମନ୍ତେ ଆବଶ୍ୟକତା ପଡୁଥିବା ରକ୍ତଠାରୁ କମ୍ ପରିମାଣର ରକ୍ତ ମହଜୁଦ୍ ଥିବାରୁ ଅନେକ ଥାଲାସେମିଆ ପୀଡ଼ିତ ଶିଶୁମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଓମେନ୍ସ ସଂଗଠନ ତରଫରୁ ଏଭଳି ପ୍ରୟାସ କରାଯାଇଛି।

ଓମେନ୍ସ ସଂଗଠନର ଅଧ୍ୟକ୍ଷା ଶ୍ରୀମତୀ ସରୋଜିନୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨ ନମ୍ବର ୱାର୍ଡ଼ର କର୍ପୋରେଟର, ସମାଜସେବୀ ସୁଧା ମହାପାତ୍ର, କୃଷ୍ଣ ପ୍ରସାଦ ବାରିକ, ଗିରିଶ ମିଶ୍ର, ସୋନାଲି ମଧୁସ୍ମିତା ମହାନ୍ତି, ବାପୁଜୀ ପ୍ରଧାନ, ସୁମିତ୍ରା ମଧୁସ୍ମିତା ମହାନ୍ତି ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

# ଶିକ୍ଷିତ ବେକାର ସମସ୍ୟା ମୁଣ୍ଡବ୍ୟଥାର କାରଣ !



ବର୍ତ୍ତମାନ ରାଜ୍ୟ ର ଶିକ୍ଷିତ ବେକାରି ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଓଡିଶା ପରି ଏକ ଅଗ୍ରସର ରାଜ୍ୟର ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢିବଢି ବର୍ତ୍ତମାନ ୧୦ ଲକ୍ଷରେ ପହଞ୍ଚିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଏହି ସଂଖ୍ୟା ଦ୍ରୁତଗତିରେ ବଢିବାରେ ଲାଗିଛି। ପ୍ରତିବର୍ଷ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ମାଟ୍ରିକ ଓ ୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ର ଏବଂ ଛାତ୍ରୀ ମାଧ୍ୟମିକ ପରୀକ୍ଷା ଦେଇଥାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଉଚ୍ଚଶିକ୍ଷା ଲାଭ କରିଥାନ୍ତି। କିନ୍ତୁ ଯୁକ୍ତତିନି ଓ ଏମ୍.ଏ., ଏମ୍.ଏସ.ସି ପାଶ କରୁଥିବା ହଜାର ହଜାର ଶିକ୍ଷିତଙ୍କ ପାଇଁ ସହର ବା ମଫସଲରେ କୌଣସି କାମ ନାହିଁ। ଯେଉଁମାନେ ବୈଷୟିକ ବିଦ୍ୟା ଅଧ୍ୟୟନ କରି ନିଜକୁ କୁଶଳ ଓ ସମର୍ଥ କରନ୍ତି ମାତ୍ର ବିଭିନ୍ନ ବୃତ୍ତି ପାଇଁ ସେମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେବାପାଇଁ ଅକ୍ଷମତା ପ୍ରକାଶ କରୁଛନ୍ତି। ଫଳରେ ସେମାନେ ନିଜ ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ପେଟ ପୋଷିବା ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟ ସରକାରଙ୍କର ସଚିବାଳୟଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ବିଭିନ୍ନ ଅଫିସରେ ହଜାର ହଜାର ପଦବୀ ଖାଲି ପଡିଥିବାବେଳେ ଏତେସଂଖ୍ୟାରେ ଶିକ୍ଷିତ ବେକାର ରାଜ୍ୟ ପକ୍ଷରେ ଏକ ବିଡମ୍ବନାର ବିଷୟ। ଓଡିଶାରେ ବିଗତ ପାଂଚ ସାତବର୍ଷ ମଧ୍ୟରେ ଅନେକ ଶିଳ୍ପ କାରଖାନା ଯଦିଓ ସ୍ଥାପନ କରାଯାଇଛି ମାତ୍ର ସେସବୁ ଶିଳ୍ପସଂସ୍ଥାରେ ଯେତେ ଶିକ୍ଷିତ ଲୋକ ନିଯୁକ୍ତି ପାଇଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଆମ ରାଜ୍ୟ ବାହାରର। ତେବେ ସରକାରଙ୍କର ଆମ ନିଜ ରାଜ୍ୟ ପ୍ରତି ଏପ୍ରକାର ହୀନଭାବନା କାହିଁକି ? ବାହାର ରାଜ୍ୟମାନଙ୍କରୁ ବୈଷୟିକ ବିଦ୍ୟାରେ ଉତ୍ତୀର୍ଣ୍ଣ ହୋଇ ଆମ ରାଜ୍ୟରେ ନିଯୁକ୍ତି ପାଉଛନ୍ତି। ଅନ୍ୟପକ୍ଷରେ ଆମ ରାଜ୍ୟର ଶିକ୍ଷାନୁଷ୍ଠାନମାନଙ୍କରୁ ହଜାର ହଜାର ପ୍ରଶିକ୍ଷଣପ୍ରାପ୍ତ ଯୁବକ ଯୁବତୀ ରାଜ୍ୟ ବାହାରେ ଓ ବିଦେଶରେ ନିଯୁକ୍ତି ପାଇଛନ୍ତି ଯାହା ରାଜ୍ୟପାଇଁ ଗୌରବର ବିଷୟ ସାଂଗକୁ ସରକାରଙ୍କର ଅକ୍ଷମତାର ଜ୍ୱଳନ୍ତ ନମୁନା। ଏହାସତ୍ତ୍ୱେ ରାଜ୍ୟରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଯୁବକଯୁବତୀ ଶିକ୍ଷିତ ହୋଇ ଘରେ ବସିରହିବା ଚିନ୍ତାର ବିଷୟ। ଯଦି ଅନ୍ୟ ରାଜ୍ୟ କଥା ବିଚାରକୁ ନିଆଯାଏ ତେବେ ଉତ୍ତରପୂର୍ବାଂଚଳରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ଏତେ ଅଧିକ ହୋଇଛି ଯେ ନିଜ ରାଜ୍ୟରେ ସେମାନଙ୍କ ପାଇଁ ନିଯୁକ୍ତି ନାହିଁ ମାତ୍ର ଭାରତର ବିଭିନ୍ନ ରାଜ୍ୟରେ ସେମାନଙ୍କୁ ନିଯୁକ୍ତି ମିଳିଛି। ଅତିତରେ ଆସାମର ସାମ୍ପ୍ରଦାୟିକ ଦଙ୍ଗା ଯୋଗୁଁ ଦକ୍ଷିଣ ଭାରତରେ ଉତ୍ତର ପୂର୍ବାଞ୍ଚଳର ବୃତ୍ତିଧାରୀ, କର୍ଣ୍ଣାଟକ ଓ ତାମିଲନାଡୁରୁ ନିଜ ଭିଟାମାଟିକୁ ଫେରିଆସିଥିଲେ। ମାତ୍ର ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଢ ହସ୍ତକ୍ଷେପ ଯୋଗୁ ଅବସ୍ଥା ସ୍ୱାଭାବିକ ହେବାପରେ ପୁନଃ ସେମାନେ ନିଜର କର୍ମସ୍ଥାନକୁ ଫେରିଥିଲେ। ସେହିପରି ମହାରାଷ୍ଟ୍ର ଭଳି ଶିଳ୍ପୋନ୍ନତ ରାଜ୍ୟରେ ହଜାର ହଜାର ବିହାରୀ ଶ୍ରମିକ କାମ କରିବାର ସୁଯୋଗ ପାଇ ରହିଯାଇଛନ୍ତି। ଫଳରେ 'ମରାଠୀମାନୁଷ'ବାଭୂମିପୁତ୍ରମାନଙ୍କ ନିଯୁକ୍ତିକ୍ଷେତ୍ର ସଙ୍କୁଚିତ ହେଉଛି ବୋଲି କେତେକ ମରାଠୀ ସଂଗଠନ ପ୍ରତିବାଦ କରିଥିଲେ। ଶିବସେନା ଓ ମହାରାଷ୍ଟ୍ର ନବନିର୍ମାଣ ସେନା ପରି ସଂଗଠନ ମହାରାଷ୍ଟ୍ର କେବଳ ମରାଠୀମାନଙ୍କ ପାଇଁ ଆନ୍ଦୋଳନ କରିବା ଯୋଗୁ ବିହାରୀମାନଙ୍କ ବିରୋଧରେ ସଂକୀର୍ଣ୍ଣ ମାନସିକତା ସୃଷ୍ଟି ହୋଇଥିଲା। ଉକ୍ତ କାରଣରୁ ହଜାର ହଜାର ବିହାରୀ ନିଜ ରାଜ୍ୟକୁ ଫେରି ଯାଇଥିଲେ। ବେକାରୀ ସମସ୍ୟା ଯେତିକି ବଢିବ ସେତିକି ଆଞ୍ଚଳିକ ଭାବନା ତା'ର କାୟାବିସ୍ତାର କରିବ। ଆମ ରାଜ୍ୟ ଓଡିଶାର ସୌଭାଗ୍ୟ ଯେ ଆମ ରାଜ୍ୟ ଓଡିଶାର ବୈଷୟିକ ବୃତ୍ତିଧାରୀଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ବାହାର ରାଜ୍ୟରେ ନିଯୁକ୍ତି ପାଇ ଶାନ୍ତିରେ କର୍ତ୍ତବ୍ୟ ପାଳନ କରୁଛନ୍ତି। ମହାରାଷ୍ଟ୍ରରେ ଯେପରି ଆଞ୍ଚଳିକ ସ୍ୱାର୍ଥରକ୍ଷା ସକାଶେ ଆନ୍ଦୋଳନ ଚାଲିଛି ଓଡିଶାରେ ଓ ବଙ୍ଗଳାରେ ଯେ ସେପରି ଆନ୍ଦୋଳନ ଭବିଷ୍ୟତରେ ନହେବ ତାହା କହିହେବ ନାହିଁ। ଓଡିଶାରେ ବିଗତ ବର୍ଷମାନଙ୍କରେ ଯେତେ ଯେତେ ଶିଳ୍ପ ସ୍ଥାପିତ ହୋଇଛି ସେଥିରେ ଆମ ନିଜ ରାଜ୍ୟର ଶିକ୍ଷିତ ବେକାରମାନଙ୍କୁ ନିଯୁକ୍ତି ମିଳିବା ପରିବର୍ତ୍ତେ ବାହାର ରାଜ୍ୟରୁ ନିଯୁକ୍ତି ମିଳୁଥିବା ଯୋଗୁ ଦିନେ ଏଠାରେ ମଧ୍ୟ ଅସନ୍ତୋଷର ବହ୍ନି ଜଳିଉଠିବ, ଏଥିରେ ସନ୍ଦେହ ନାହିଁ। ଏହି ପରିପ୍ରେକ୍ଷୀରେ ଓଡିଶାରେ ବ୍ୟକ୍ତିଗତ ଉଦ୍ୟମରେ ସ୍ଥାପନ କରାଯାଇଥିବା ଇଂଜିନିୟରିଂ ଓ ମ୍ୟାନେଜମେଣ୍ଟ କଲେଜମାନଙ୍କରେ ନାମ ଲେଖାଇବା ପାଇଁ ଉପଯୁକ୍ତ ଛାତ୍ର ମିଳୁ ନ ଥିବାରୁ ୩୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନ ଖାଲି ପଡିଛି ଯାହାକି ଆମ ଶିକ୍ଷା ପଦ୍ଧତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ୩/୪ ବର୍ଷ ଧରି ଏପରି ଅବସ୍ଥା ଲାଗିରହିଛି। ଯୁକ୍ତ ଦୁଇ ଓ ତିନି ଶିକ୍ଷାନୁଷ୍ଠାନମାନଙ୍କରେ ମଧ୍ୟ ସିଟ୍ ଖାଲି ପଡୁଛି। ରାଜ୍ୟମାନଙ୍କରେ ଏପରି ଦୟନୀୟ ଶିକ୍ଷାବ୍ୟବସ୍ଥା ଲାଗିରହିଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ନୂତନ ଇଂଜିନିୟରିଂ କଲେଜ ଖୋଲିବା ପାଇଁ ମଂଜୁର ପ୍ରଦାନ କରୁଛନ୍ତି ଯାହା ନିହାତି ବିଚାରଯୋଗ୍ୟ। ଏପରି ସମୟରେ ବାହାର ଦେଶର ବୈଷୟିକ ଜ୍ଞାନପ୍ରାପ୍ତ ଯୁବକଯୁବତୀମାନଙ୍କୁ ଆଉ ବ୍ରିଟେନ, ଆମେରିକା ତଥା କେତେକ ୟୁରୋପୀୟ ଦେଶରେ ନନେବା ପାଇଁ ପଦକ୍ଷେପ ନେବା ଚିନ୍ତାର ବିଷୟ। ଏଭଳି ସମୟରେ ଆମ ରାଜ୍ୟରେ ଥିବା ଇଂଜିନିୟରିଂ କଲେଜରେ ପଲିଟେକନିକ୍ ଶିକ୍ଷାବ୍ୟବସ୍ଥା ସହିତ ଶିକ୍ଷିତ ବେକାରମାନଙ୍କୁ ବୃତ୍ତିଗତ ଶିକ୍ଷାଦେଇ ସେମାନଙ୍କୁ ନିଜ ରାଜ୍ୟରେ ନିଯୁକ୍ତି ଦେବା ବୁଦ୍ଧିମାନର କାର୍ଯ୍ୟ ହେବ। ବାହାର ରାଜ୍ୟରୁ ଆସି ଓଡିଶାରେ ଶିଳ୍ପସ୍ଥାପନ କରିଥିବା ବ୍ୟବସାୟୀ ଓ ଶିଳ୍ପସଂସ୍ଥାମାନେ ଓଡିଶା ବାହାରୁ ଲୋକ ଆଣି ଆମ ରାଜ୍ୟରେ ନିଯୁକ୍ତି ଦେଉଥିବାରୁ ଆମ ରାଜ୍ୟର ନିଯୁକ୍ତି ସମସ୍ୟା ସମାଧାନର ବାଟ ଫିଟିପାରୁନାହିଁ। କେବଳ ଯେଉଁ କ୍ଷେତ୍ରରେ ଓଡିଶାରେ ଉଚ୍ଚ ବୃତ୍ତିଗତଧାରୀଙ୍କ ଅଭାବ ରହିଛି କେବଳ ସେହି କ୍ଷେତ୍ରରେ ବାହାର ରାଜ୍ୟରୁ ଉପଯୁକ୍ତ ପ୍ରାର୍ଥୀ ଗ୍ରହଣ କରାଯାଇପାରେ।

**ଉମାଶଙ୍କର ପ୍ରସାଦ, ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨**

# ସରକାରୀ ଜାଗା ଜବରଦଖଲ, ତହସିଲଦାରଙ୍କ ଅଭିଯୋଗ ପରେବି ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ତହସିଲ ଅନ୍ତର୍ଗତ ସାନବଡ ଗୋପାଳପୁର ଗ୍ରାମରେ ଜଣେ ସରକାରୀ କର୍ମଚାରୀ ସରକାରୀ ଜାଗାକୁ ଜବରଦଖଲ କରି ଇଟା, ପାଚେରୀ ଆଦି ନିର୍ମାଣ କରୁଥିବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ ରାଜନଗର ଥାନା ଅନ୍ତର୍ଗତ ବିଲିକଣା ଗ୍ରାମର ଜନୈକ ସରକାରୀ କର୍ମଚାରୀ ନଳିନୀକାନ୍ତ ରାଉତରାୟ ଗର୍ଜନପୁର ଗ୍ରାମରେ ଥିବା ପ୍ଲଟ୍ ନଂ-୪୩୮ ଏରିଆ ୪ ଡିସିମିଲ୍ ସରକାରୀ ଜମିକୁ ଜୋର ଜବରଦସ୍ତ ଦଖଲ କରି ଏକ ଇଟା ପାଚେରୀ ନିର୍ମାଣ କରିଛନ୍ତି। ସେହି ପ୍ଲଟ ଉପରେ ସେହି ଗ୍ରାମର ଭୂମିହୀନ ରତିକାନ୍ତ ମହାନ୍ତିଙ୍କ ପତ୍ନୀ ସୁଲୋଚନା ମହାନ୍ତି ଏକ ଅସ୍ଥାୟୀ ଘର କରି ରହୁଥିଲେ। ନଳିନୀକାନ୍ତ ସେହି ଘରକୁ ଜେ.ସି.ବି ଲଗାଇ ଭାଙ୍ଗିଦେଇ ସେହି ଜମିକୁ ନିଜ ଦଖଲକୁ ନେଇଯାଇଥିଲେ। ଏହି ଘଟଣାକୁ ନେଇ ସୁଲୋଚନା ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହିତ ସ୍ଥାନୀୟ କୋର୍ଟରେ ୨୦୨୧ ମସିହା ଅକ୍ଟୋବର ମାସ ୨୧ ତାରିଖରେ ଏକ ମାମଲା ରୁଜୁ କରିଥିଲେ। ସେହି ବିବାଦୀୟ ଜମି ଉପରେ କୋର୍ଟ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା। ଏହାପରେ ନଳିନୀକାନ୍ତ ଉକ୍ତ ଜମି ଉପରେ୧୪୪ ଧାରାକୁ ଅମାନ୍ୟ କରି ଇଟା ପାଚେରୀ ନିର୍ମାଣ କରୁଥିବା ସମ୍ପର୍କରେ ସୁଲୋଚନା ରାଜନଗର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ତହସିଲଦାର ସ୍ଥାନୀୟ ଆର.ଆଇ.ଙ୍କ ଦ୍ୱାରା ତଦନ୍ତ କରାଇ ସରକାରୀ ଜମି ଉପରେ ପାଚେରୀ ନିର୍ମାଣ କରାଯାଇଥିବାର ଜାଣି ରାଜନଗର ଥାନାରେ ନଳିନୀକାନ୍ତଙ୍କ ବିରୋଧରେ ଅଭିଯୋଗ କରିଥିଲେ। ତହସିଲଦାରଙ୍କ ଅଭିଯୋଗକୁ ଭିତ୍ତି କରି ରାଜନଗର ଥାନା ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଥିଲେ। କିନ୍ତୁ ଘଟଣାଟି ଗତ ମାସ ୫ ତାରିଖରେ ଘଟିଥିଲେ ମଧ୍ୟ ଅଦ୍ୟାବଧି ସମ୍ପୃକ୍ତ କର୍ମଚାରୀଙ୍କୁ ପୋଲିସ ଗିରଫ କରିନଥିବା ଅଭିଯୋଗ ହୋଇଛି। ଶ୍ରୀ ରାଉତରାୟ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଆଇନକୁ ନିଜ ହାତକୁ ନେଇ ଜଣେ ଭୂମିହୀନ ମହିଳାଙ୍କୁ ସରକାରୀ ଜମିରୁ ହଟାଇ ସେହି ଜମିକୁ ଜବରଦଖଲରେ ରଖିଛନ୍ତି। ଏପରିକି ଉପ-ଜିଲ୍ଲାପାଳ ସେହି ସରକାରୀ ଜମି ଉପରେ ବେଆଇନ ନିର୍ମାଣକୁ ଭାଙ୍ଗି ଦେବା ପାଇଁ ରାଜନଗର ତହସିଲଦାର ଏବଂ ଥାନାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଏ ସମ୍ପର୍କରେ ପିଡିତା ମହିଳା ଜଣକ ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଥିବା ଜଣାପଡିଛି।

## ବଙ୍ଗାରି ଗ୍ରାମରେ ବୃଷଭ ପ୍ରତିଷ୍ଠା ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ତଳକୁସୁମା ପଞ୍ଚାୟତର ବଙ୍ଗାରି ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ନୂତନ ଭାବେ ବୃଷଭ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଯଜ୍ଞ ଓ ଆଳତୀ କରାଯାଇଥିଲା। ବଙ୍ଗାରି ଗ୍ରାମବାସୀ ତଥା ବୃଷଭ କମିଟିର ସଦସ୍ୟମାନଙ୍କ ମଧ୍ୟରେ ପୂଜକ ବୁଲୁ କର, କର୍ତ୍ତା ରମେଶ ସ୍ୱାଇଁ, କୁଳମଣୀ ବେହେରା, ଗଜେନ୍ଦ୍ର ସ୍ୱାଇଁ, ଗୋଲକ ସ୍ୱାଇଁ, ତପନ ପ୍ରଧାନ, ଅନ୍ତେଶ ମଲ୍ଲ, ସୁରେନ୍ଦ୍ର ଜେନା, ସୁକାନ୍ତ ବେହେରା, ପ୍ରହଲ୍ଲାଦ ସାହୁ, ଅଟଳ ପ୍ରଧାନ, ଧନେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିଥିଲେ।

## ବିବାଦୀୟ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ନେଇ ଅସନ୍ତୋଷ

ଫୁଲନଖରା (ପିଏନ୍)-ସଦର ଥାନା ସଇନ୍ଧା ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଜନୈକା ବିବାଦୀୟ ଶିକ୍ଷୟିତ୍ରୀଙ୍କୁ ଏକ ସାମ୍ବାଦିକ ସଂଘ ପକ୍ଷରୁ ସମ୍ମାନିତ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଉକ୍ତ ଶିକ୍ଷୟିତ୍ରୀଙ୍କ ବିଭିନ୍ନ କାର୍ଯ୍ୟକଳାପକୁ ବିରୋଧ କରି ତାଙ୍କୁ ବିଦ୍ୟାଳୟରୁ ତୁରନ୍ତ ହଟାଇବା ପାଇଁ ସ୍ଥାନୀୟ ଲୋକେ ଜିଲା ଶିକ୍ଷାଧିକାରୀ, ଜିଲାପାଳ ଏପରିକି ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସରକାରୀ ସ୍ତରରେ ତାଙ୍କ ବିରୁଦ୍ଧରେ ତଦନ୍ତ ମଧ୍ୟ ଚାଲିଛି। ସରକାରୀ ଶିକ୍ଷୟିତ୍ରୀ ହୋଇ ଏଇ ନିକଟରେ ଗଣମାଧ୍ୟମରେ ମିଥ୍ୟା ବୟାନବାଜିକୁ ନେଇ ପରିସ୍ଥିତି ସରଗରମ ଥିଲାବେଳେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନକୁ ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ଦୃଢ଼ ନିନ୍ଦା କରିଛନ୍ତି। ଏ ବାବଦରେ ସମ୍ପୃକ୍ତ ସାମ୍ବାଦିକ ସଂଘର ଜିଲା ସଭାପତି ଦୁଃଖ ପ୍ରକାଶ କରିବା ସହିତ ସମ୍ବର୍ଦ୍ଧିତ ବ୍ୟକ୍ତି ଚୟନରେ ତ୍ରୁଟି ରହିଥିବା ସ୍ୱୀକାର କରିଥିଲେ। ଅପରପକ୍ଷରେ ନିଜ ବିରୁଦ୍ଧରେ ତଦନ୍ତ ଚାଲିଥିବାରୁ ଠିକ ଏଇ ସମୟରେ ଏପରି ଏକ ସମ୍ମାନ ହାତେଇଲେ ତାହା ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିବ ବୋଲି ଜାଣି ବେଶ ଚତୁରତାର ସହ ଶିକ୍ଷୟିତ୍ରୀ ଜଣକ ଏ ସମ୍ବର୍ଦ୍ଧନା ପାଇବାକୁ କୌଶଳ ଆପଣେଇଥିବା ଜଣାପଡ଼ିଛି। ଉକ୍ତ ସମ୍ବର୍ଦ୍ଧନା ପାଇବାକୁ ସଂଘର ଦୁଇଜଣ କର୍ମକର୍ତ୍ତା ଶିକ୍ଷୟିତ୍ରୀଙ୍କଠାରୁ ମୋଟା ଅଙ୍କର ଅର୍ଥ ମଧ୍ୟ ଆଦାୟ କରିଥିବା କୁହାଯାଉଛି। ତେବେ ଏହି ଘଟଣାକୁ ନେଇ ସଇନ୍ଧା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚାରୁଲତା ପଟ୍ଟନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ବିଶିଷ୍ଟ ଶିକ୍ଷାବିତ୍ ବାନାମ୍ବର ସାହୁଙ୍କ ସଭାପତିତ୍ୱରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଜମଧର ପଞ୍ଚାୟତର ସରପଞ୍ଚ ରାଜକିଶୋର ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ବାଲିଆ ସରକାରୀ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ତପନ କୁମାର ସିଂ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ରତ୍ନାକର କ୍ଲଷ୍ଟରର ସି.ଆର.ସି.ସି. ଅନନ୍ତ ଚରଣ ପରିଡା, ନାଏବ ସରପଞ୍ଚ ବିଳାସିନୀ ଜେନା, ସେକ ହମିଦ, ମୋ ବିଦ୍ୟାଳୟର ସଭାପତି ଇଦ୍ରିସ ଗନି, ଅଜିତ କୁମାର ଦାସ, ସେକ ଅବଦୁଲ ସହଦ୍, ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଗତ ୨୦୧୪ମସିହା ସେପ୍ଟେମ୍ବର ମାସଠାରୁ ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯୋଗଦାନ କରି ଶିକ୍ଷାନୁଷ୍ଠାନର ବହୁବିଧ ଉନ୍ନତି କରିବା ସହ ବିଦ୍ୟାଳୟର ଶ୍ରେଣୀ ଗୃହ ଓ ପାଚେରୀ ନିର୍ମାଣ କରାଇଥିଲେ। ଏଥିସହ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସେ ଅତ୍ୟନ୍ତ ଅଦର ଯତ୍ନ ସହକାରେ ଶିକ୍ଷାଦାନ କରୁଥିଲେ। ତାଙ୍କରୀ ପାଇଁ ମୁସଲିମ ବସ୍ତିର ପିଲାମାନେ ଆଜି ହାଇସ୍କୁଲ ଓ କଲେଜରେ ଉଚ୍ଚ ଶିକ୍ଷା ଲାଭ କରୁଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କର୍ତ୍ତବ୍ୟ ନିଷ୍ଠ, ସମୟାନୁବର୍ତ୍ତୀ, ଛାତ୍ରବତ୍ସଳ ଆଦର୍ଶ ଶିକ୍ଷୟିତ୍ରୀ ଭାବେ କେବଳ ବ୍ଲକ ସ୍ତରରେ ନୁହେଁ ସାରା ଜିଲ୍ଲାରେ ତାଙ୍କର ସୁନାମ ରହିଛି। ତାଙ୍କ ଅବସର ଜୀବନ ପ୍ରଭୁ ଶ୍ରୀଜଗନ୍ନାଥ ଓ ଆଲ୍ଲାଙ୍କ ଆର୍ଶୀର୍ବାଦରୁ ସୁସ୍ଥ ଓ ନିରାମୟ ହେଉ ବୋଲି ସମସ୍ତେ କାମନା କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉତ୍ତରୀୟ, ଫଟୋଚିତ୍ର ସମେତ ବିଭିନ୍ନ ଉପହାର ପ୍ରଦାନ କରାଯାଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ଶିକ୍ଷକ ସେକ ଫାୟାଜୁଦ୍ଦିନ ଧନ୍ୟବାଦେ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଭାରତୀୟ ବିଦ୍ୟାଭବନ ଓ ମୁକ୍ତ ଚିନ୍ତନ ମଂଚ ପକ୍ଷରୁ ନିର୍ଭୀକ ଓ ନିରପେକ୍ଷ ଆଲୋଚନାଚକ୍ର





ଭୁବନେଶ୍ୱର ,(ପି.ଏନ): ଭାରତୀୟ ବିଦ୍ୟାଭବନ ଓ ମୁକ୍ତ ଚିନ୍ତନ ମଂଚର ମିଳିତ ଆନୁକୂଲ୍ୟରେ 'ରିହାତି ଯୋଜନା ଓ ଓଡିଶାର ଭବିଷ୍ୟତ' ଶୀର୍ଷକ ଏକ ନିର୍ଭୀକ ଓ ନିରପେକ୍ଷ ୧୭୯ତମ ଆଲୋଚନା ଚକ୍ର ଆଜି ଭୁବନେଶ୍ୱରସ୍ଥ ଭାରତୀୟ ବିଦ୍ୟାଭବନ ସଭାଗୃହରେ ପ୍ରଖ୍ୟାତ ସାହିତ୍ୟିକ ତଥା ଅନୁଷ୍ଠାନର ସଭାପତି ସାତକଡି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଓଡିଶାର ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ ରାଜନେତା ପଂଚାନନ କାନୁନ୍‌ଗୋ ଓଡିଶାର ସର୍ବାଙ୍ଗୀନ ଉନ୍ନତି ରିହାତି ବ୍ୟବସ୍ଥା ମାଧ୍ୟମରେ ସମ୍ଭବପର ନୁହେଁ ବୋଲି ମତବ୍ୟକ୍ତ କରିଥିଲେ । ଓଡିଶାରେ କୋଟିଏ ୬ଲକ୍ଷ ପରିବାର ମଧ୍ୟରୁ ୮୬ଲକ୍ଷ ପରିବାରକୁ ରିହାତି ଦିଆଯାଉଛି । ସରକାର ୭୦ପ୍ରତିଶତ ପରିବାରକୁ ଟଙ୍କିକିଆ ଚାଉଳ ଦେଉଛନ୍ତି । ଯଦି ଟଙ୍କିକିଆ ଚାଉଳ ଦିଆଯିବ ନାହିଁ, ତେବେ ଓଡିଶା ଲୋକଙ୍କ କଙ୍କାଳ ଦେଖାଯିବ । ସରକାର ରୋଜଗାର ସୃଷ୍ଟି ନ କରି ମାଗଣା ଓ ରିହାତି ଦେଇ ଲୋକଙ୍କୁ କୋଢିଆ କରି ଦେଉଛନ୍ତି । କହିବାକୁ ଗଲେ ସରକାର ନିଜର ଦୋଷ ଦୁର୍ବଳତା, ଅପାରଗତାକୁ ଲୁଚାଇବାକୁ ରିହାତି ଓ ମାଗଣା ଯୋଜନା କରିଛନ୍ତି ବୋଲି ମୁଖ୍ୟବକ୍ତା ଶ୍ରୀ କାନୁନ୍‌ଗୋ ଦୃଢତାର ସହ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ସରାକର ଯେଉଁ ରିହାତି ଦେଉଛନ୍ତି ତାହା ପ୍ରକୃତ ହିତାଧିକାରୀ ଅପେକ୍ଷା ବଡ ବଡ କମ୍ପାନୀ ଓ ବିତଶାଳୀ ଲୋକଙ୍କ ପାଖକୁ ଯାଉଛି । ଏବେ ରାଜ୍ୟ ୧ଲକ୍ଷ ୩୨କୋଟି ଟଙ୍କା ଋଣ ଭାରରେ ରହିଛି । ସରକାର ଋଣ କରି ଏବଂ ସାଧାରଣ ଲୋକଙ୍କ ଟଙ୍କାକୁ ଅପବ୍ୟବହାର କରି 'ଆହାର ଓ କାଳିଆ' ଭଳି ଯୋଜନା କରିଛନ୍ତି । କେବଳ ରାଜନୈତିକ ଫାଇଦା ପାଇଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଅନାବଶ୍ୟକ ଯୋଜନା ସରକାର ରାଜ୍ୟରେ ପ୍ରଚଳନ କରିଛନ୍ତି । କିନ୍ତୁ ପ୍ରକୃତରେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯେଉଁ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିବା କଥା ତାହା କରାଯାଉ ନାହିଁ । ସରକାର ରିହାତି ଓ ମାଗଣା ଦେବା ଅପେକ୍ଷା ଲୋକଙ୍କୁ ରୋଜଗାର ଦିଅନ୍ତୁ ଓ ସ୍ୱାବଲମ୍ବୀ କରାନ୍ତୁ । ଅପବ୍ୟୟ ବନ୍ଦ କରି ସଠିକ୍ ମାର୍ଗରେ ଅର୍ଥ ବ୍ୟୟବରାଦ ଓଡିଶାର ଭବିଷ୍ୟତକୁ ଉଜ୍ଜ୍ୱଳ କରିପାରିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି । ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ଡାକ୍ତର ଅଶୋକ କୁମାର ମହାପାତ୍ର କହିଲେ ଯେ, ଯେଉଁ ଦେଶରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସମୃଦ୍ଧ ନୁହେଁ, ସେ ଦେଶର ଭବିଷ୍ୟତ ଆଦୌ ଉଜ୍ଜ୍ୱଳ ନୁହେଁ । ଓଡିଶାରେ ଏ ଦୁଇଟିଯାକ ଦୁର୍ବଳ । ସରକାର ଭଲଭାବେ ଜାଣିଛନ୍ତି ଯେ, ଲୋକଙ୍କୁ ଶିକ୍ଷା କ୍ଷେତ୍ରରେ ପଛରେ ରଖି ପଙ୍ଗୁ କରିଦେଲେ ଭୋଟ୍ ମିଳିଯିବ । ସେଥିପାଇଁ ଏସବୁ ରିହାତି ଓ ମାଗଣା ଖିଆ ଯୋଜନା । ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ତଥା ସ୍ତମ୍ଭକାର ସହଦେବ ସାହୁ ଯୋଗ ଦେଇ କହିଲେ ଓଡିଶାର ୬୦ପ୍ରତିଶତ ଚାଷୀ ପରିବାର ହୋଇଥିଲେ ହେଁ ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର, ଜଳସେଚନ ବ୍ୟବସ୍ଥା, ସହଜରେ ବିଦ୍ୟୁତ୍ ଯୋଗାଣ ଓ ଆନୁସଙ୍ଗିକ ସହଯୋଗ ନାହିଁ । ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ନ ଦେଇ ରିହାତି ଓ ମାଗଣା ଯୋଜନାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ରାଜ୍ୟରେ ପ୍ରଚଳିତ ବହୁ ମାଗଣା ଯୋଜନା ଓ ରିହାତି ବ୍ୟବସ୍ଥା ଲୋକମାନଙ୍କୁ ଅଳସୁଆ କରି ଗଢି ତୋଳୁଛି । ଯଦ୍ୱାରା ଗାଁ ଗଣ୍ଡାରେ କାର୍ଯ୍ୟ କରିବା ପାଇଁ ଲୋକମାନେ ଆଉ ଆଗଭର ହେଉନାହାଁନ୍ତି । ଏହି ସଭାର ସଭାପତି ଶ୍ରୀ ହୋତା ବର୍ତମାନ ଓଡିଶାକୁ ଶାସନ କରୁଥିବା ବ୍ୟକ୍ତି ଓଡିଶାର ଗୌରବକୁ ଜାଣିପାରୁନାହାଁନ୍ତି । ଯାହା ଏକ ବିରାଟ ସମସ୍ୟା ହୋଇ ଉଭା ହେଉଛି ବୋଲି କହିଥିଲେ । ଏହି ଅବସରରେ ରାଜବୈଦ୍ୟ ପ୍ରଫେସର ଗୋପାଳ ଚନ୍ଦ୍ର ନନ୍ଦଙ୍କ ଦ୍ୱାରା ୧୫୦୦ ଶତାବ୍ଦୀର ମୂଳ ଅସମୀୟ ପୋଥୀର ଓଡିଆ ଭାଷାନ୍ତର 'ନାମମାଳିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଭାରତୀୟ ବିଦ୍ୟାଭବନର ସମ୍ପାଦକ ଲେଫ୍ଟନାଂଟ କର୍ଣ୍ଣେଲ୍ ପ୍ରସନ୍ନ କୁମାର ସାହୁ ସଭାପରିଚାଳନା କରିଥିଲେ । ମୁକ୍ତ ଚିନ୍ତନର ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆବାହକ ରାଧାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଏକାମ୍ର ହାଟରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨ ଉଦ୍‌ଘାଟିତ

ଭୁବନେଶ୍ୱର, (ପି.ଏନ): ସ୍ଥାନୀୟ ଏକାମ୍ର ହାଟଠାରେ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨ ଉଦ୍‌ଘାଟିତ ହୋଇଯାଇଛି । ଏହି ମେଳାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ଉଦ୍‌ଘାଟନ କରି କହିଥିଲେ ଯେ ହସ୍ତତନ୍ତ ସାମଗ୍ରୀ କେବଳ ଆମ ଦେଶ କାହିଁକି ସାରା ପୃଥିବୀର ବିଭିନ୍ନ ଦେଶରେ ଆଦୃତି ଲାଭ କରିଛି । ହସ୍ତତନ୍ତ ଉତ୍ପାଦଗୁଡ଼ିକର ଅଧିକରୁ ଅଧିକ ପ୍ରସାର ଓ ଆଦୃତି ପାଇଁ ଏଭଳି ମେଳାର ଆବଶ୍ୟକତା ରହିଛି । ଉଦ୍‌ଘାଟନୀ ଉତ୍ସବରେ ମହିଳା, ଶିଶୁବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଏହିଭଳି ସ୍ୱତନ୍ତ୍ର ହସ୍ତତନ୍ତ ମେଳାର ଆୟୋଜନ ଦ୍ୱାରା ରାଜ୍ୟରେ ହସ୍ତତନ୍ତର ପ୍ରଚାର ଓ ପ୍ରସାର ହୋଇପାରିବ । ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଯୋଗଦେଇଥିଲେ । ଓଡ଼ିଶା ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ସ୍ୱତନ୍ତ୍ର ସଚିବ ଓ ସେରିଫେଡ୍ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ, ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ନାଗ ଏହି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ରାଜ୍ୟର ବରଗଡ଼, କଟକ, ସୋନପୁର, ଆଠଗଡ଼, ଢେଙ୍କାନାଳ, ବାରିପଦା, ଖୋର୍ଦ୍ଧା, ନୟାଗଡ଼, କଳାହାଣ୍ଡି, ବଲାଙ୍ଗୀର ଓ ବୌଦ୍ଧ ବୟନମଣ୍ଡଳମାନଙ୍କରୁ ୩୩ ଗୋଟି ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି । ବୁଣାକାରମାନଙ୍କୁ ୩୩ ଗୋଟି ଦେୟମୁକ୍ତ ଷ୍ଟଲ ପ୍ରଦାନ କରାଯାଇଛି । ଏହି ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଜୁନ୍ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ରାଜ୍ୟରେ ବୃହତ ପୁଞ୍ଜିନିବେଶ ଓ ଭିତିଭୂମି ପ୍ରକଳ୍ପରେ ଉଲ୍ଲେଖନୀୟ ଅଗ୍ରଗତି

ଭୁବନେଶ୍ୱର, ୧।୬(ପି.ଏନ): ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବଡ଼ ବଡ଼ ଭିତିଭୂମି ଉନ୍ନୟନ ଏବଂ ପୁଞ୍ଜିନିବେଶ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ପୁଞ୍ଜିନିବେଶ ପ୍ରକଳ୍ପ ତଦାରଖ ଗ୍ରୁପ୍ (ସି.ସି.ଆଇ.ପି.ଏମ୍.ଜି) ବୈଠକର ଆଲୋଚନାରୁ ଏହା ଜଣାପଡିଛି ।ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ଏହି ମିଳିତ ସମୀକ୍ଷା ବୈଠକରେ ଶିଳ୍ପ ଓ ଆନ୍ତଃ-ବାଣିଜ୍ୟ ବିକାଶ (ଡ଼ି.ପି.ଆଇ.ଆଇ.ଟି.) ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଅମ୍ରିତ ଲାଲ ମୀନା, ବିଭାଗୀୟ ନିର୍ଦ୍ଦେଶକ ଅରବିନ୍ଦ ପାଣ୍ଡେଙ୍କ ସମେତ କେନ୍ଦ୍ରୀୟ ପ୍ରକଳ୍ପ ତଦାରଖ କମିଟିର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥାମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା କ୍ଷେତ୍ରସ୍ତରୀୟ ସମସ୍ୟାଗୁଡିକର ବିଭିନ୍ନ ଦିଗକୁ ବିଚାରକରି ସେସବୁର ଆଶୁ ସମାଧାନ ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ସମାଧାନ ପନ୍ଥା ନିର୍ଣ୍ଣୟ କରିଥିଲେ । ଏହିସବୁ ସମାଧାନ ସହ ପ୍ରକଳ୍ପଗୁଡିକର ବିଭିନ୍ନ ପର୍ଯ୍ୟାୟ କାର୍ଯ୍ୟାନ୍ୱୟନ ପାଇଁ ମଧ୍ୟ ଶ୍ରୀ ମହାପାତ୍ର ସମୟ- ସାରଣୀ ନିର୍ଦ୍ଧାରଣ କରିଥିଲେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟସାରଣୀକୁ ସମୟାନୁବଦ୍ଧିତ ଭାବେ କ୍ଷେତ୍ରାନ୍ୱୟନ କରିବାକୁ ଶ୍ରୀ ମହାପାତ୍ର ସଂପୃକ୍ତ ସଂସ୍ଥା, ସରକାରୀ ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ରୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମୀନା କହିଥିଲେ ଯେ ସି.ସି.ଆଇ. ପ୍ରକଳ୍ପ ତଦାରଖ ଗ୍ରୁପ୍ ପୋର୍ଟାଲରେ ଥିବା ଓଡ଼ିଶାର ୧୬୫ ଟି ବୃହତ୍ ପୁଞ୍ଜିନିବେଶ ପ୍ରକଳ୍ପ ମଧ୍ୟରୁ ପ୍ରାୟ ଶତକଡ଼ା ୮୦ ଭାଗ ପ୍ରକଳ୍ପ ବିଶେଷ ଅଗ୍ରଗତି କରିଛି । ଅବଶିଷ୍ଟ ଶତକଡ଼ା ୨୦ ଭାଗ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ବେଳେ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ପନ୍ଥା ମଧ୍ୟ ତ୍ୱରାନ୍ୱିତ ଭାବେ ରାଜ୍ୟ ଓ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇଛି । ବୈଠକରେ ୩୩ ଟି ବୃହତ ପୁଞ୍ଜିନିବେଶ ପ୍ରକଳ୍ପର ସମୀକ୍ଷା ହୋଇଥିଲା । ଏ ସବୁ ଦ୍ୱାରା ରେଳବାଇ, ଜାତୀୟ ରାଜପଥ, ତୈଳ ଓ ଗ୍ୟାସ୍, କଅଁଷି ଖଣି, ସିମେଣ୍ଟ ଉତ୍ପାଦନ ଓ ଟେଲି-ଯୋଗାଯୋଗ ଆଦି କ୍ଷେତ୍ରରେ ପ୍ରାୟ ୧,୨୬,୨୮୯ କୋଟି ଟଙ୍କା ବିନିଯୋଗ ହେବ ।

# ସଂଘ ଶିକ୍ଷାବର୍ଗର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଭବ୍ୟ ପଥ ସଂଚଳନ

ଭୁବନେଶ୍ୱର, (ପି.ଏନ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଦ୍ୱିତୀୟ ବର୍ଷ ସଂଘ ଶିକ୍ଷାବର୍ଗ ସ୍ଥାନୀୟ ଉତ୍କଳ ବିପନ୍ନ ସହାୟତା ସମିତି ପରିସରରେ ଅନୁଷ୍ଠିତ ହୋଉଅଛି । ଏହି ସଂଘ ଶିକ୍ଷାବର୍ଗର ଶିକ୍ଷାର୍ଥୀମାନଙ୍କୁ ନେଇ ଏକ ଭବ୍ୟ ପଥ ସଂଚଳନ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ବିପନ୍ନ ସହାୟତା ସମିତି ପରିସରରୁ ଏହି ପଥ ସଂଚଳନ ବାହାରି ଚକେଇସିଆଣି ହାଟ, ମଂଚନାଥ ବିଦ୍ୟାଳୟ, ବ୍ରିଜ ଛକ, ସ୍କିଲ ଡେଭଲପମେଂଟ, ବ୍ଲୁ ହୁଇଲି ହସ୍‌ପିଟାଲ, ନିତିଦିନ ଖବର କାଗଜ ଛକ, ଶିକ୍ଷାଂଚଳ ବିଦ୍ୟାଳୟ, ଷ୍ଟେସନ ରୋଡ, ସମୟପ୍ରେସ ହୋଇ ପୁଣି ଉତ୍କଳ ବିପନ୍ନ ସହାୟତା ସମିତି ପରିସରରେ ପହଁଚି ଥିଲା । ସ୍ୱୟଂସେବକମାନେ ପୂର୍ଣ୍ଣ ଗଣବେଷରେ ଘୋଷ ବାଦ୍ୟ ବଜାଇ ପଥ ସଂଚଳନରେ ଗଲାବେଳେ ପଥ ମଧ୍ୟରେ ଅନେକ ସ୍ଥାନରେ ମା ଓ ଭଉଣୀମାନେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ମେ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ସାରା ଓଡିଶାରୁ ୮୦ ଜଣ ଶିକ୍ଷାର୍ଥୀଙ୍କ ସମେତ ୪୦ ଜଣ ଶିକ୍ଷକ ଓ ପ୍ରବନ୍ଧକ ଏହିଭଳି ୧୨୦ଜଣ ଯୋଗଦେଇଛନ୍ତି । ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ହାତରୁ ୮ଶହ ଟଙ୍କା ଶୁଳ୍କ ପ୍ରଦାନ କରି ୨୦ଦିନ ଧରି ଏହି ଶିବିରରେ ବିଭିନ୍ନ ଶାରୀରିକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । ଏହି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଡାକ୍ତର, ଇଂଜିନିୟର, ଅଧ୍ୟାପକ, ବ୍ୟାଙ୍କ କର୍ମଚାରୀ, ଶିକ୍ଷକ, ସ୍ନାତକ ଓ ସ୍ନାତକୋତର ଛାତ୍ର, ବ୍ୟବସାୟୀ ଓ କୃଷକ ଉପସ୍ଥିତ ଅଛନ୍ତି । ପ୍ରତ୍ୟହ ସକାଳ ୪.୩୦ମି. ସମୟରେ ପ୍ରାତଃ ଜାଗରଣ ପରେ ରାତ୍ରୀ ୧୦ଟା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ୱୟଂସେବକମାନେ ବିଭିନ୍ନ ଶାରିରୀକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ଅଭ୍ୟାସ କରୁଛନ୍ତି । କ

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ଖୋର୍ଦ୍ଧା ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୮୧ ଟି ବିଦ୍ୟାଳୟ ୫ ଟିରେ ରୂପାନ୍ତରୀକରଣ ,ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଖୋର୍ଦ୍ଧା, (ପିଏନ)- ବୁଧବାର ଦିନ ଅପରାହ୍ନରେ ମାନ୍ୟଭର ମୁଖ୍ୟମନ୍ତ୍ରୀ ୫ ଟି ।।ଧାରରେ ରୂପାନ୍ତରୀକରଣ ହୋଇଥିବା ଖୋର୍ଦ୍ଧା ଜିଲ୍ଲାର ୮୧ ଗୋଟି ବିଦ୍ୟାଳୟକୁ ଲୋକାର୍ପଣ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଳୟ ଠାରେ ଏକ ବର୍ଣ୍ଣାଢ୍ୟ ସମାରୋହରେ ଏହି ଲୋକାର୍ପଣ କାର୍ଯ୍ୟ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଟେକ୍ନୋଲୋଜି ,ଟ୍ରାନସପାରେନସି,ଟିମଓ୍ୱାର୍କ,ଟାଇମ ଓ ଟ୍ରାନସଫର୍ମେସନ ଥିମକୁ ନେଇ ଖୋର୍ଦ୍ଧା ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୩୮ ଗୋଟି ବିଦ୍ୟାଳୟକୁ ରୂପାନ୍ତରୀକରଣ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୮୧ ଟି ରୂପାନ୍ତରୀକରଣ କରାଯାଇଛି। ଏହି ରୂପାନ୍ତରୀକରଣ ପ୍ରକ୍ରିୟାରେ ପୂର୍ବର ବିଦ୍ୟାଳୟ ପରିସର,ଶିକ୍ଷାଦାନ ପ୍ରଣାଳୀରେ ଅଭୁତପୂର୍ବ ପରିବର୍ତନ କରି ସ୍ମାର୍ଟ କ୍ଲାସ ରୁମ୍,ଇ ଲାଇବ୍ରେରୀ,ବିଜ୍ଞାନଗାର,କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ,ପାନୀୟ ଜଳ,ସୁସ୍ଥ ପାଠ ପଢା,ପରିବେଶ ,ସବୁଜିମା ସୃଷ୍ଟି,ପରିଷ୍କାର ଟଏଲେଟ,ଦେୟ ମୁକ୍ତ ବିଦ୍ୟୁତ ଓ ଇଂଟରନେଟ ବ୍ୟବସ୍ଥା,ନିଜସ୍ୱ ଜମି ଓ ପଙ୍ଖା ବଂଟନ ବ୍ୟବସ୍ଥା ଓ ଗମନାଗମନ ସୁବିଧା ସବୁ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛି । ଜାତୀୟ ମୂଲ୍ୟାୟନ ସର୍ଭେରେ ଖୋର୍ଦ୍ଧା ଜିଲ୍ଲାର ଅଷ୍ଟମ ଓ ଦଶମ ଶ୍ରେଣୀ ପ୍ରଥମ ସ୍ଥାନ ଅଧିକାର କରିଛି । ଏହା ବ୍ୟତୀତ ଧାର୍ଯ୍ୟ ହୋଇଥିବା ୧୧୯ ବିଦ୍ୟାଳୟରୁ ୧୦୦ ଟି ବିଦ୍ୟାଳୟକୁ ପଙ୍ଖା ବଂଟନ ହୋଇ ପାରଛି । ୧୨୪ ବର୍ଷର ପୁରାତନ ବକ୍ସି ଜଗବନ୍ଧୁ ବିଦ୍ୟାଳୟ ପରିସର କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ସହରର ବରିଷ୍ଠ ନାଗରିକ ମାନେ ରୂପାନ୍ତରୀକରଣ ବିଦ୍ୟାଳୟ ଗୁଡିକୁ ଦର୍ଶନୀୟ ବୋଲି କହିବା ସହ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ନିଜର ଅଭିଜ୍ଞତା ଓ ନୂତନ ପ୍ରୟୋଗ ଧାରାର ସଫଳ ତଥା ସକରାତ୍ମକ ଦିଗ ଉପରେ ମନ୍ତବ୍ୟ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା,ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ସୁମନାସିଂହ,ସମସ୍ତ ସରକାରୀ ଅଧିକାରୀ ରୂପାନ୍ତରୀକରଣ, ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ,ବୁଦ୍ଧିଜୀବୀ,ବରିଷ୍ଠ ନାଗରିକ ମାନେ ଯୋଗ ଦେଇଥିଲେ । ଏହା ୫ ଟି ଆଧାରରେ ରୂପାନ୍ତରୀକରଣର ମୁଖ୍ୟ ସ୍ଲୋଗାନ ଆଗାମୀ ଦିନରେ ଅଧିକ ସଂଖ୍ୟକ ବିଦ୍ୟାଳୟକୁ ଏଥିରେ ସାମିଲ କରିବାକୁ ନେଇ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ଅଭିନବ କାର୍ଯ୍ୟକ୍ରମ ସମୟରେ ସୂଚନା ଦେଇଥିଲେ । ୫ ଟି ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ଗୁରୁତ୍ୱ ଦେବା ଆଭିମୁଖ୍ୟ ଆଧାରରେ ଖୋର୍ଦ୍ଧା ଜିଲ୍ଲାର ବକ୍ସି ଜଗବନ୍ଧୁ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପର୍ଶୁରାମ ମହାପାତ୍ର ନିଜର ସମ୍ୟକ ବକ୍ତବ୍ୟ ଓ କୃତଜ୍ଞତା ଉପସ୍ଥାପନ କରିଥିଲେ ।ସୂଚନା ଥାଉକି ଏହି କ୍ରମରେ ମୟୁରଭଞ୍ଜ ଜିଲ୍ଲାର ୩୩୯ ଟି,ସୋନପୁରରୁ ୪୧ଟି ,ବୌଦ୍ଧ ଜିଲ୍ଲାର ଦ୍ୱିତୀୟ ପର୍ଯ୍ୟାୟରେ ୨୪ ଟି ଓ ମାଲକାନଗିରି ଜିଲ୍ଲାର ଦ୍ୱିତୀୟ ପର୍ଯ୍ୟାୟରେ ୪୭ ବିଦ୍ୟାଳୟକୁ ଆଭାସୀ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ । ଓକକାକ ଦ୍ୱାରାରେ ପ୍ରସ୍ତୁତ ଏହି ଆଭାସୀ କାର୍ଯ୍ୟକ୍ରମ ପ୍ରଶଂସନୀୟ ବୋଲି ଉପସ୍ଥିତ ଜନସାଧାରଣ ମତ ରଖିଥିଲେ।

## ରଜ ମହୋତ୍ସବ ୨୦୨୨ : ବିଧାୟକଙ୍କ ଦ୍ୱାରା ଜର୍ସି ଓ ପୋଷ୍ଟର ଉନ୍ମୋଚନ



ବାଲିଅନ୍ତା,(ପି.ଏନ) : ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମପଂଚାୟତ ନାଗପୁର (ସାଗୁଆ) ଗ୍ରାମର ମା ଉପଳେଇ ଠାକୁରାଣୀଙ୍କ ମନ୍ଦିର ପରିସରରେ ରବିବାର ଅପରାହ୍ନାରେ ଅଂଚଳର ଜନସାଧାରଣଙ୍କୁ ନେଇ ଅନୁଷ୍ଠାନର ଉପଦେଷ୍ଟା ଶିକ୍ଷାବିତ୍ ବିଧୂଭୁଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡ ଅରବିନ୍ଦ ଢାଲୀ ଯୋଗ ଦେଇ ରଜ ମହୋତ୍ସବ ୨୦୨୨ ପାଇଁ ମହୋତ୍ସବର ପୋଷ୍ଟର ଓ ଜର୍ସି ଉନ୍ମୋଚନ କରିଥିଲେ । ଓଡିଶାର କଳା ସଂସ୍କୃତି ପରମ୍ପରା ପୋଡ ପିଠା, ସଜବାଜ, ରଜ ଦୋଳି, ଚାଷୀ ଭାଇର ମାଟି ମାକୁ ସମ୍ମାନ ଦେବା, ଭାଇଚାରା ଗଣ ପର୍ବ ରଜକୁ ଜନ ମାନସରେ ଉଜ୍ଜିବିତ ରଖିବା ଲକ୍ଷ୍ୟ ନେଇ ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ରଜ ମହୋତ୍ସବ ପାଳନ କରିବାର ତାତ୍ପର୍ଯ୍ୟ ଓ ପିଢି ପରେ ପିଢି ପରମ୍ପରାକୁ ପାଳନ କରିବା ନେଇ ବକ୍ତାମାନେ ସେମାନଙ୍କର ମତବ୍ୟକ୍ତ କରିଥିଲେ। ଏଥିରେ ମହିଳାମାନଙ୍କ ନେଇ ତାଙ୍କ ଭିତରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ ଭିନ୍ନଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ଏବଂ ପଂଚାୟତ ସ୍ତରରେ ରଜର ରାଣୀ ଓ ରଜ ବୋହୁ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରୁପାର ମୁକୁଟ ଓ ୫ ହଜାର ଟଙ୍କା ପ୍ରତ୍ୟକଙ୍କୁ ଅର୍ଥ ରାଶି ପ୍ରଦାନ କରାଯିବା ନେଇ ସ୍ଥିର କରାଯାଇଛି । ସମ୍ମାନୀତ ଅତିଥି ଭାବେ ସମିତି ସଭ୍ୟ ରଂଜନ କୁମାର ମହାପାତ୍ର, ବିଧାୟକଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ଅଚ୍ୟୁତାନନ୍ଦ ପାତ୍ର, ସରପଂଚ ରମାଲତା ନାୟକ, ଆଦର୍ଶ ଶିକ୍ଷକ ନାରାୟଣ ବେହେରା, ପ୍ରମୋଦ କୁମାର ପାଢି, ଦିଲିପ୍ କୁମାର ମାର୍ଥା, ସମାଜସେବୀ ସ୍ମୃତି ରଂଜନ ମହାନ୍ତି, ହରେକୃଷ୍ଣ ମହାରଣା, ସୋମନାଥ ଖଟେଇ, ମଦନମୋହନ ଦାସ, ଲକ୍ଷ୍ମଣ ଜେନା, ବିଷ୍ଣୁ ଭୋଇ, ଭାରତୀ ଖଟୁଆ, ଅଭିମନ୍ୟୁ ଭୋଇ, ତପନ ଭୋଇ, ଗୋଲେଖ ବେହେରା, ଟ୍ରଷ୍ଟି ସୁବାଷ ଦାସ, ଫାଉଣ୍ଡେସନର ମୁଖ୍ୟ ଟ୍ରଷ୍ଟୀ ତଥା ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ୟାମସୁନ୍ଦର ହାଇସ୍କୁଲ ରୂପାନ୍ତରିକରଣ କାର୍ଯ୍ୟରେ ଖର୍ଚ୍ଚ ହେଉଛି ୫ ପ୍ରକଳ୍ପର ଅର୍ଥ !

ଧର୍ମଶାଳା, (ପିଏନ୍): ୫-ଟି ଅନୁଦାନ ଅର୍ଥରେ ଏବେ ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥିତ ଶ୍ୟାମସୁନ୍ଦର ସରକାରୀ ହାଇସ୍କୁଲର ରୂପାନ୍ତରିକରଣ କାର୍ଯ୍ୟ ହେଉଛି । ଏଥିପାଇଁ ପ୍ରାୟ ୬୦ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ମନରେଗା ଯୋଜନାରେ ୪ଟି ପ୍ରକଳ୍ପ ବାବଦରେ ଏଠାରେ ୪୩ଲକ୍ଷ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଉଛି । ୫-ଟି ଅନୁଦାନ ଅର୍ଥରେ ଖେଳ ପଡ଼ିଆର ଉନ୍ନତିକରଣ, ରାସ୍ତା, ଉଦ୍ୟାନ ଓ ଶୌଚାଳୟ ନିର୍ମାଣ ପାଇଁ ଅର୍ଥ ବରାଦ ହୋଇଥିଲେ ହେଁ, ଅନୁରୂପ ଭାବେ ଏସବୁ ପ୍ରକଳ୍ପ ନିମନ୍ତେ ମନରେଗା ଯୋଜନାର ଅର୍ଥ ଖର୍ଚ୍ଚ କରାଯାଉଛି । ପୂର୍ବରୁ ଏହି ହାଇସ୍କୁଲରେ ମଜବୁତ୍ ପାଚେରୀ, ରାସ୍ତା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଉଦ୍ୟାନ ଆଦି ରହିଛି । ଏଥିପାଇଁ ଅନୁମୋଦିତ ହୋଇଥିବା ଅର୍ଥ କେଉଁଥିରେ ଖର୍ଚ୍ଚ କରାଯିବ ଏହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ବିଦ୍ୟାଳୟ ପରିସରରେ ମାଳ ମାଳ ମନରେଗା ଫଳକ ଏହାର ସୌନ୍ଦର୍ଯ୍ୟହାନୀ କରୁଥିବା ଦେଖିବାକୁ ମିଳିଛି । ଏହି ହାଇସ୍କୁଲରେ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏଥିରେ କେତେକ ନିମ୍ନମାନର ସାମଗ୍ରୀ ବ୍ୟବହୃତ ହେଉଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ୫ଟି ଅଧୀନରେ ଥିବା ଶ୍ୟାମସୁନ୍ଦର ହାଇସ୍କୁଲର ରୂପାନ୍ତରିକରଣ କାର୍ଯ୍ୟ ଜାରିରହିଛି । ୧୦ଲକ୍ଷ ଟଙ୍କା ବ୍ୟୟରେ ୨ଟି ସ୍ମାର୍ଟ ଶ୍ରେଣୀଗୃହ, ଦକ୍ଷତା ବିକାଶ ପ୍ରଶିକ୍ଷଣ ଓ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ୧୦ଲକ୍ଷ, ଚେୟାର ଟେବୁଲ ଆଦି ଫର୍ଣ୍ଣିଚର କିଣିବା ପାଇଁ ୧୦ଲକ୍ଷ, ଇ-ପାଠାଗାର ପାଇଁ ୫ଲକ୍ଷ, ବିଜ୍ଞାନଗାର ୪ଲକ୍ଷ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୩ଲକ୍ଷ, କ୍ରୀଡ଼ା ସାମଗ୍ରୀ ୨ଲକ୍ଷ, ଶୌଚାଳୟ, ଖେଳପଡ଼ିଆ ବିକାଶ, ସ୍କୁଲ ମଧ୍ୟରେ ପାର୍କ ଓ ରାସ୍ତା ହେବାପାଇଁ ୬ଲକ୍ଷ ଓ ଅନ୍ୟାନ୍ୟ ବିକାଶ କାର୍ଯ୍ୟରେ ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପାରିବ ବୋଲି ମୋ ସ୍କୁଲ ଅଭିଯାନ ଯୋଜନାରେ ବ୍ୟୟ ବରାଦ କରାଯାଇଛି । ମାତ୍ର ୨୦୨୧/୨୨ ଆର୍ଥିକ ବର୍ଷ ମନରେଗା ଅନୁଦାନ ଅର୍ଥରେ ଏହି ହାଇସ୍କୁଲର ଶୌଚାଳୟ ନିର୍ମାଣ ପାଇଁ ମୋଟ ୧୫ଲକ୍ଷ, ଖେଳ ପଡ଼ିଆ ଉନ୍ନତିକରଣରେ ୧୧ଲକ୍ଷ, ରାସ୍ତା ନିର୍ମାଣ ୧୦ଲକ୍ଷ ଓ ଉଦ୍ୟାନ ନିର୍ମାଣ ପାଇଁ ୭ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ବିଦ୍ୟାଳୟ ପରିସରରେ ଲଗା ଯାଇଥିବା ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଫଳକରୁ ଜଣାପଡ଼ିଛି । ସ୍ମାର୍ଟସ୍କୁଲ ନିର୍ମାଣ କରିବା ନାଁରେ ଏଠାରେ ସ୍ମାର୍ଟ ଉପାୟରେ ବିପୁଳ ସରକାରୀ ଅର୍ଥ ହଡ଼ପ କରିବାକୁ ଅଭିନବ ଯୋଜନା ପ୍ରସ୍ତୁତ ହୋଇଥିବା ଅଭିଯୋଗ ଉଠିଛି । ଗୋଟିଏ ବିଦ୍ୟାଳୟରେ ୫ଗୋଟି ପ୍ରକଳ୍ପର ଅର୍ଥ ଖର୍ଚ୍ଚ କରାଯିବାରେ କି ରହସ୍ୟ ରହିଛି ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ପରମାନନ୍ଦ ମହାବିଦ୍ୟାଳୟରେ ତମାଖୁ ବର୍ଜନ ଦିବସ

ଖୋର୍ଦ୍ଧା, (ପିଏନ): ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପରାମର୍ଶ କ୍ରମେ ବୋଲଗଡ ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ମଙ୍ଗଳବାର ଦିନ ବିଶ୍ୱ ତମାଖୁ ବର୍ଜନ ଦିବସ କଲେଜର ସମ୍ମିଳନୀ କକ୍ଷରେ ପାଳିତ ହୋଇ ଯାଇଛି । ଏ ନେଇ କବିତା ପାଠ ଓ ଆଲୋଚନା ଚକ୍ରରେ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଛାତ୍ରଛାତ୍ରୀମାନେ ତମାଖୁ ବର୍ଜନ ସମ୍ବନ୍ଧୀୟ ସଚେତନତାଧର୍ମୀ ସଙ୍ଗୀତ ପରିବେଷଣ କରିଥିଲେ । ଯୁବ ରେଡକ୍ରସର କାଉନସେଲର ଅଧ୍ୟାପକ ଗଣେଶ ପଣ୍ଡା ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେଇଥିବା ବେଳେ ତମାଖୁ ବର୍ଜନ ସମ୍ବନ୍ଧୀୟ ଶପଥ ପାଠ କରାଇଥିଲେ । ଛାତ୍ର ପ୍ରକାଶ କୁମାର ପରିଡା,ଛାତ୍ରୀ ଶ୍ୟାମଲିନ ବଳିୟାରସିଂହ,ସ୍ମିତାରାଣୀ ପ୍ରଧାନ,ବିଜୟଲକ୍ଷ୍ମୀ ବେହେରା ଓ ରାଜଲକ୍ଷ୍ମୀ ବେହେରା ପ୍ରମୁଖ ତମାଖୁ ସେବନର ଅପକାରିତା ସମ୍ପର୍କରେ କବିତା ପାଠ କରିଥିଲେ ।

## ପୂର୍ବତନ ବିଧାୟକଙ୍କ ଜନ୍ମଦିନ ପାଳିଲେ ଶୁଭେଚ୍ଛୁ



ଧର୍ମଶାଳା, (ପିଏନ୍): ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଜନ୍ମଦିନ ପାଳନ କରିଛନ୍ତି ଶୁଭେଚ୍ଛୁ । ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମସ୍ଥିତ ବାସଭବନରେ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ସମାଜସେବୀ କାହ୍ନୁ ଚରଣ ଦାଶ, ସାମ୍ବାଦିକ ବଟକୃଷ୍ଣ ପରିଡ଼ା, ଶିକ୍ଷକ ଦୀନବନ୍ଧୁ ତ୍ରିପାଠୀ, ବୈକୁଣ୍ଠ ଦାସ, ବସନ୍ତ ଜେନା, ମାଧବାନନ୍ଦ ଜେନା, ସୁବାଷ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ରାଉତ, ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ସଭାନେତ୍ରୀ ଶୈଳଭାମା ବେହେରାଙ୍କ ସମେତ ବହୁ ଶୁଭେଚ୍ଛୁ ପହଞ୍ଚି ଶ୍ରୀ ଲାବଣ୍ୟଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ସେ ଓ ତାଙ୍କ ପତ୍ନୀ ସ୍ୱର୍ଣ୍ଣଲତା ଦାଶ ନିଜ ଠାକୁର ଘରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି । ଜଗତର ମଙ୍ଗଳ କାମନା କରିବା ସଙ୍ଗେ ସଙ୍ଗେ ଆଜିର ଯୁବପିଢ଼ି ସେବା, ତ୍ୟାଗ, ଚରିତ୍ର ଓ ଜ୍ଞାନକୁ ପାଥେୟ କରି ଦେଶମାତୃକାର ସେବା କରିବାପାଇଁ ଆଗେଇ ଆସିବାକୁ ଶ୍ରୀ ଲାବଣ୍ୟ ପରାମର୍ଶ ଦେଇଥିଲେ । ସୂଚନା ଯୋଗ୍ୟ, ଶ୍ରୀ ଲାବଣ୍ୟ ଛାତ୍ର ଜୀବନରୁ ଅଣ କଂଗ୍ରେସ ରାଜନୀତିରେ ରହିଆସିଥିବା ବେଳେ ତାଙ୍କର ସଂଘର୍ଷପୂର୍ଣ୍ଣ ରାଜନୈତିକ ଜୀବନ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ୧୯୭୭ରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବାଙ୍କବିହାରୀ ଦାସଙ୍କୁ ପରାଜିତ କରି ସେ ବିଧାୟକ ଭାବେ ନିର୍ବାଚିତ ହୋଇ ଧର୍ମଶାଳାରେ ପ୍ରଥମକରି ଅଣକଂଗ୍ରେସ ରାଜନୀତିର ମୂଳଦୁଆ ପକାଇଥିଲେ । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ସେ ବହୁବାର ଆନ୍ଦୋଳନ କରିଛନ୍ତି । ତାଙ୍କର ଦୁର୍ବାର ଆନ୍ଦୋଳନ ଯୋଗୁଁ ଓଡିଆ ଭାଷା କୋଲକତା ବିଶ୍ୱବିଦ୍ୟାଳୟରେ ସ୍ଥାନ ପାଇପାରିଛି । ପରିଣତ ବୟସରେ ମଧ୍ୟ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରିବା ସହ ସାଧାରଣ ଜନତାଙ୍କର ସେବା ଜାରି ରଖିଛନ୍ତି ।

## ବ୍ୟାରେଜ ପୁନଃ ନିର୍ମାଣରେ ବିଳମ୍ବ ଜିଲ୍ଲାପାଳଙ୍କୁ ଅଭିଯୋଗ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ରାମେଶ୍ୱର ପଂଚାୟତର ମଳାଗୁଣୀ ନଦୀ ଉପରେ ଚାଷକାର୍ଯ୍ୟରେ ଜଳସେଚନର ସୁବିଧା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଖୋର୍ଦ୍ଧା ଜିଲ୍ଲା ଜଳସେଚନ ବିଭାଗ ପକ୍ଷରୁ ଏକ ବୃହତ ବ୍ୟାରେଜ ନିର୍ମାଣ କରାଯାଇଥିଲା । ଏହି ପ୍ରକଳ୍ପ ଦ୍ୱାରା ଟାଙ୍ଗୀ ଓ କଣାସ ବ୍ଲକର ୩୭ ଟି ରାଜସ୍ୱ ଗ୍ରାମର ୧ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହୋଇ ପାରିବେ ବୋଲି ଯୋଜନା କରାଯାଇଥିଲା । ଖରିଫ ଋତୁରେ ୨୦୨୫ ହେକ୍ଟର ଓ ରବି ଋତୁରେ ୪୦୫ ହେକ୍ଟର ଜମି ଜଳସେଚନ ହେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ଗତ ୨୦୧୯ ମସିହାରେ ଫନି ବାତ୍ୟାରେ ଆନିକଟରେ ଲଗା ଯାଇଥିବା ୯ ଟି କବାଟ ବଙ୍କା ହେବା ସହ ୩,୬ ଓ ୭ ର ନମ୍ବର ଗେଟ ବେଶି ମାତ୍ରାରେ କ୍ଷତି ହୋଇଛି । ବିଗତ ତିନି ବର୍ଷ ମଧ୍ୟରେ ଜଳ ସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ,ମୁଖ୍ୟଯନ୍ତ୍ରୀ,ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ବ୍ୟାରେଜକୁ ପରିଦର୍ଶନ କରି ଓଡିଶା ନିର୍ମାଣ ନିଗମକୁ ପୁନଃ ନିର୍ମାଣ ପାଇଁ ଦାୟିତ୍ୱ ଦେଇଥିଲେ । ୨୦୨୧ ମସିହା ମାର୍ଚ୍ଚ ମାସ ୧୯ ତାରିଖରେ ଓଡିଶା ନିର୍ମାଣ ନିଗମ ଫାଟକ ଲଗାଇବା ପାଇଁ ଚୁକ୍ତି କରି ୧ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ୩ ଟି ଗେଟକୁ ନୂଆ ଲଗାଇବା ପାଇଁ ୩ ଟି କିସ୍ତିରେ ଅର୍ଥ ମିଳି ସାରିଛି । ଏପରିକି ମଧ୍ୟ ବଙ୍କା ହୋଇଥିବା ୬ ଟି କବାଟ ସମେତ ଆନିକଟର ମରାମତି ପାଇଁ ୮ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠା ଯାଇଛି । କିନ୍ତୁ ପରିତାପର ବିଷୟ ଚାଷୀମାନେ ବାରମ୍ବାର ବ୍ୟାରେଜର ପୁନଃ ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି । ଚଳିତ ଖରିଫ ଋତୁରେ ଚାଷକାର୍ଯ୍ୟ ପାଇଁ ଜଳ ସେଚନର ଅବ୍ୟବସ୍ଥା ଭିତରେ ଗତି କରିଥିବାରୁ ଯାହାକି ଚାଷୀ ମନରେ ହତୋତ୍ସାହ ଦେଖା ଦେବା ସହ କାମଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହୋଇଛନ୍ତି । ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାଇ ଚଳିତ ବର୍ଷ ମୌସୁମୀର ଆଗମନ ଯଥେଷ୍ଟ ଆଗରୁ ରହିଥିବା ବେଳେ ବ୍ୟାରେଜର ନିର୍ମାଣ ହୋଇ ନପାରିବାରୁ ଜଳସେଚନରେ ଚାଷୀମାନେ ଘୋର ଅସୁବିଧାର ସମ୍ମୁଖିନ ହେବେ ବୋଲି ଆଶା କରା ଯାଇଛି ।ଏଥିରେ ପ୍ରଶାସନ ଟାଳଟୁଳ ନୀତିକୁ ଅବଲମ୍ବନ ନ କରି ଯୁଦ୍ଧ କାଳୀନ ଭିତିରେ ବ୍ୟାରେଜ କାର୍ଯ୍ୟ କରାଗଲେ ଚାଷୀମାନେ ଉପକୃତ ହୋଇ ପାରିବେ ବୋଲି ସଚେତନ ନାଗରିକ ମାନେ କହିଛନ୍ତି । ଏ ନେଇ ବିଜେପିର ରାଜ୍ୟ ମୁଖପାତ୍ର ସୋନାଲି ସାହୁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଜଣାଇଛନ୍ତି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray